ISSN: 2456-9194, Vol. I, Issue. IV, March 2018


# ପ୍ରତ୍ୟୟ

**(Journal of Odia Language, Culture and Science)**

JournalHomepage:http://cphfs.in/research.php




# ସାରଳା ମହାଭାରତର ନବମୂଲ୍ୟାୟନ


**ନୀଳାଦ୍ରି ଭୂଷଣ ହରିଚନ୍ଦନ**

ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ,

ଶାନ୍ତିନିକେତନ, କେ-୩, କଳିଙ୍ଗ ବିହାର, ଭୁବନେଶ୍ୱର – ୨୯

Email: nbharichandan@gmail.com


ଓଡ଼ିଆ ସାହିତ୍ୟର ଭଗୀରଥ ମହାକବି ସାରଳା ଦାସଙ୍କ ମହାଭାରତ ପଞ୍ଚଦଶ ଶତାବ୍ଦୀର ସଂସ୍କୃତ ପ୍ରାଧାନ୍ୟ କାଳରେ ଓଡ଼ିଆ ଭାଷାକୁ ଏକ ଦୃଢ଼ ଭିତ୍ତିରେ ପ୍ରତିଷ୍ଠା କରିବା ସଂଗେ ସଂଗେ ଓଡ଼ିଆ ସାହିତ୍ୟକୁ ଏକ ଶିଳ୍ପ ସୌନ୍ଦର୍ଯ୍ୟମଣ୍ଡିତ, ସମାଜନିଷ୍ଠ, ବାସ୍ତବତାଧର୍ମୀ ତଥା ଚିରନ୍ତନ ଦୃଷ୍ଟିସଂପନ୍ନ ମହାକାବ୍ୟର ସୃଷ୍ଟି ଗୌରବରେ ବିଭୂଷିତ କରିଥିଲା । ଏହା କେବଳ ଏକ ମହତ୍ତର ସାହିତ୍ୟ ସୃଷ୍ଟି ନୁହେଁ, ପଞ୍ଚଦଶ ଶତାବ୍ଦୀ ଓଡ଼ିଶା ତଥା ଭାରତବର୍ଷର ଐତିହାସିକ, ଭୌଗୋଳିକ, ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ ଓ ରାଜନୈତିକ ଜଗତର ବାସ୍ତବ ଚିତ୍ରପଟ । ମୌଳିକତା, ବିଶାଳତା, କାବ୍ୟମୟତା ଓ ଜୀବନଧର୍ମିତା ଦୃଷ୍ଟିରୁ ସାରଳା ମହାଭାରତ କେବଳ ଓଡ଼ିଆ ସାହିତ୍ୟରେ ନୁହେଁ, ସମଗ୍ର ପୂର୍ବଭାରତୀୟ ସାହିତ୍ୟରେ ଏକ ଅନନ୍ୟ ମହାକାବ୍ୟ, ଏପରିକି ଦକ୍ଷିଣ ଭାରତୀୟ ଭାଷା ସମୂହରେ ରଚିତ ମହାଭାରତଗୁଡ଼ିକର ସମସ୍ପର୍ଦ୍ଧୀ ଓ ସ୍ଥଳବିଶେଷରେ ଉତ୍କୃଷ୍ଟତର । ବୈପ୍ଳବିକ ଦୃଷ୍ଟିସଂପନ୍ନ, ଦୂରଦ୍ରଷ୍ଟା ସାରଳା ଦାସଙ୍କ ଏହି ସୃଷ୍ଟି କେବଳ ଏକ ଚିରନ୍ତନ ଶିଳ୍ପକର୍ମ ନୁହେଁ, ବର୍ତ୍ତମାନର ମୂଲ୍ୟମାନରେ ଆଧୁନିକ ଓ ପ୍ରଗତିଶୀଳ ।

ସମସାମୟିକ ତଥା ପୂର୍ବ ଓ ପରବର୍ତ୍ତୀ ଭାରତୀୟ ସନ୍ଥ କବିମାନଙ୍କଠାରୁ ସାରଳାଦାସ ନିଜସ୍ୱ ପର୍ଯ୍ୟବେକ୍ଷଣ ଶକ୍ତି, ବିଚାର ବିଶ୍ଳେଷଣ, ସ୍ୱାଧୀନ ଚେତନା, ମାନବ ସଂବେଦନା ଓ ଅନ୍ତର୍ଦୃଷ୍ଟିର ସ୍ୱାତନ୍ତ୍ର୍ୟ ଯୋଗୁଁ ସଂପୂର୍ଣ୍ଣ ଭିନ୍ନ । ଏକ ନିର୍ଭୀକ ବ୍ୟକ୍ତିତ୍ୱ ହିଁ ତାଙ୍କୁ ପ୍ରଥାବଦ୍ଧ ଅନୁସରଣ ପଥରୁ ଭିନ୍ନକରି ନେଇଆସିଛି ଉତ୍କଳୀୟ ପରିମଣ୍ଡଳରେ ଏକ ମୌଳିକ ମହାଭାରତ ରଚନା କରିବାକୁ । ତାଙ୍କ ମହାଭାରତରେ ସଂସ୍କୃତ ମହାଭାରତର ମୂଳ କାହାଣୀର ଅନୁସରଣ କରିଥିଲେ ମଧ୍ୟ ଚରିତ୍ରଚିତ୍ରଣ ସଂପୂର୍ଣ୍ଣ ବାସ୍ତବଧର୍ମୀ; ପ୍ରତ୍ୟେକ ମଣିଷ ଓ ଦେବତା ରକ୍ତମାଂସର, ଧୂଳିମାଟିର । ବହୁ ମୌଳିକ ଉପାଖ୍ୟାନର ସଂଯୋଜନ ସହିତ ନୃତତ୍ତ୍ୱ, ମନସ୍ତତ୍ତ୍ୱ, ଦର୍ଶନତତ୍ତ୍ୱ, ଲୋକବିଦ୍ୟା, ଯୁଦ୍ଧବିଦ୍ୟା, ଉଦ୍ଭିଦବିଦ୍ୟା, ପ୍ରାଣୀବିଦ୍ୟା, ଜ୍ୟୋତିର୍ବିଦ୍ୟା, ସାମାଜିକ ଓ ସାଂସ୍କୃତିକ ଆଚାରବିଧି ପ୍ରଭୃତିର ଅବତାରଣା ଓ ସର୍ବୋପରି ଉପସ୍ଥାପନା ଶୈଳୀର ସଜୀବତା ସାରଳା ଦାସଙ୍କୁ ଏକ ସ୍ୱତନ୍ତ୍ର ମହିମାରେ ପ୍ରତିଷ୍ଠିତ କରେ ।

ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟକାରଗଣ ନିଜକୁ ପାରଂପରିକ କାବ୍ୟଭାବନାରୁ ମୁକ୍ତ କରିପାରିନଥିବା ହେତୁ ବହୁ ସ୍ଥଳରେ ସେମାନଙ୍କ ସୃଷ୍ଟି ସଂସ୍କୃତ କାବ୍ୟପୁରାଣର ବିଶ୍ୱସ୍ତ ଅନୁସରଣ ମାତ୍ର ହୋଇଯାଇଛି । ଏପରିସ୍ଥଳେ ସାରଳା ଦାସଙ୍କ ସ୍ୱାଧୀନ କବି-କଳ୍ପନା ଆମକୁ ଆଶ୍ଚର୍ଯ୍ୟାନ୍ୱିତ କରେ । ବସ୍ତୁ ଯୋଜନା, ଚରିତ୍ର ଚିତ୍ରଣ, ବର୍ଣ୍ଣନାଶୈଳୀ, ଉପମାରୂପକଳ୍ପ ସୃଷ୍ଟି, ଭାଷା ଓ ଛନ୍ଦର ପ୍ରୟୋଗରେ କବିଙ୍କ ସ୍ୱାଧୀନ ଚିତ୍ତବୃତ୍ତିର ପ୍ରମାଣ ମିଳେ । ସାରଳା ଦାସ ଓଡ଼ିଶାର ଏକ ପଲ୍ଲୀଗ୍ରାମରେ ବସି ସାହିତ୍ୟ-ସାଧନା କରିଥିଲେ ମଧ୍ୟ ଏକ ଉଦାର ଦୃଷ୍ଟିରେ ଭାରତବର୍ଷର ସାମଗ୍ରିକ ରୂପଚିତ୍ର ପ୍ରଦାନ କରିବାରେ ଅଧିକ ନିଷ୍ଠା ପ୍ରଦର୍ଶନ କରିଛନ୍ତି ।

ମହାଭାରତ ରଚନାରେ ସାରଳା ଦାସଙ୍କ ମୂଳ ମହାଭାରତ ଆଦି କାବ୍ୟପୁରାଣ-ଶୁଶ୍ରୁଷା, ଶାସ୍ତ୍ରଜ୍ଞାନ ଓ ବିଦ୍‌ବତ୍ତାର ସ୍ୱରୂପ ପ୍ରକଟିତ ହେଲେ ମଧ୍ୟ ସେ ନିଜର ଅନୁଭୂତିସିଦ୍ଧ ଜ୍ଞାନ ଉପରେ ବିଶେଷ ଭାବେ ନିର୍ଭରଶୀଳ ଥିବାର ଲକ୍ଷିତ ହୁଏ । ତାଙ୍କର ଏ ସଂପର୍କିତ ଦୃଢ଼ ଅଙ୍ଗୀକାର ଉଦ୍‌ଘୋଷିତ ହୋଇଛି ବିରାଟ ପର୍ବରେ 'ନୟନେ ଦେଖଇ ଯା ଲିହଇ ଶାସ୍ତ୍ରଯୋଗେ' ।(ବିରାଟପର୍ବ) ନୟନରେ ଦେଖିଥିବା କଥା ହିଁ ବେଶିଭାବେ ଲେଖିବାକୁ ଚେଷ୍ଟା କରିଥିବାରୁ ତାଙ୍କର କାବ୍ୟକୃତିରେ ବାସ୍ତବତାର ପରିମାଣ ଅଧିକ । ନଗରବାସୀଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ଓ ଅରଣ୍ୟବାସୀମାନଙ୍କ ଚିନ୍ତାଭାବନା, ଆନନ୍ଦ ବେଦନା, ଆଶା ଆକାଂକ୍ଷା ତଥା ଜୀବନଚର୍ଯ୍ୟାର ଏକ ବାସ୍ତବଚିତ୍ର ସାରଳା ମହାଭାରତରେ ଉପଲବ୍ଧ । ରାଜା, ଋଷି, ବ୍ରାହ୍ମଣ, କ୍ଷତ୍ରିୟଙ୍କଠାରୁ ଆରମ୍ଭ କରି ଅସ୍ପୃଶ୍ୟ, ଶୁଦ୍ର ତଥା ଆଦିବାସୀ ସଂପ୍ରଦାୟ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କର ଜୀବିକା ନିର୍ଭର ପ୍ରଣାଳୀ, ସାମାଜିକ ରୀତିନୀତି, ନିତ୍ୟ ନୈମିତ୍ତିକ କାର୍ଯ୍ୟାବଳୀ, ହୃଦୟାନୁଭବର ରୂପାୟନ ଘଟିଛି ଏଥିରେ । ପଞ୍ଚଦଶ

ଶତାବ୍ଦୀର ଓଡ଼ିଶା ତଥା ଭାରତବର୍ଷର ସମାଜ, ଅର୍ଥନୀତି ତଥା ରାଜନୀତିର ଚିତ୍ର ମଧ୍ୟ ଏଥିରେ ପ୍ରତିଫଳିତ । ଏହା ବହୁ ସ୍ଥଳରେ ଯୁଦ୍ଧ ଓ ଯୁଦ୍ଧାଭିଯାନର ଜୀବନ୍ତ ବର୍ଣ୍ଣନାରେ ସମୃଦ୍ଧ । ଭାରତବର୍ଷର ବିଭିନ୍ନ ରାଜ୍ୟର ଭୌଗୋଳିକ ଅବସ୍ଥିତି, ଅଧିବାସୀମାନଙ୍କ ଶାରୀରିକ ଗଠନ, ଜୀବନଯାପନ ପ୍ରଣାଳୀ ଓ ମାନସିକତା ମଧ୍ୟ ବର୍ଣ୍ଣିତ । ସାଧାରଣ ମଣିଷଠାରୁ ଆରମ୍ଭ କରି ରାଜନ୍ୟ ଓ ଦେବଚରିତ୍ର ସମୂହର ମନସ୍ତାତ୍ତ୍ୱିକ କାର୍ଯ୍ୟକଳାପର ପ୍ରଦର୍ଶନରେ ମୂଳ ମହାଭାରତର କଳ୍ପନାମୟ ଚରିତ୍ରଗୁଡ଼ିକ ବାସ୍ତବ ଓ ଜୀବନ୍ତ ହୋଇଉଠିଛି । ସାରଳା ଦାସ କେବଳ ମଣିଷ ଜୀବନର ଚିତ୍ରକର ନ ଥିଲେ, ଥିଲେ ପ୍ରକୃତିର ଚିତ୍ରକର । ମହାଭାରତର ବହୁ ଅଂଶରେ ପଶୁପକ୍ଷୀ, ଗଛଲତା, ଅରଣ୍ୟ, ନଦୀପର୍ବତ, ଶସ୍ୟକ୍ଷେତ୍ର ଆଦି ଉଜ୍ଜ୍ୱଳ ବର୍ଣ୍ଣରେ ଚିତ୍ରିତ । ପୁଣି ଧର୍ମ ଦର୍ଶନଗତ ତତ୍ତ୍ୱବ୍ୟାଖ୍ୟା, ବିଗ୍ରହ ଓ ସନ୍ଧି, ଅସ୍ତ୍ରଯୁଦ୍ଧ, ଶସ୍ତ୍ରଯୁଦ୍ଧ, ମଲ୍ଲଯୁଦ୍ଧ ଆଦି ବିଭିନ୍ନ ଯୁଦ୍ଧବିଦ୍ୟାଠାରୁ ଆରମ୍ଭ କରି ଜ୍ୟୋତିର୍ବିଦ୍ୟା, ଉଲୁକ ବିଦ୍ୟା, ରନ୍ଧନବିଦ୍ୟା ପର୍ଯ୍ୟନ୍ତ ସମସ୍ତ ବିଷୟ ସାରଳା ମହାଭାରତର କୁକ୍ଷିଗତ । ବିଶାଳ ଭାରତବର୍ଷର ଏକ ସାମଗ୍ରିକ ଚିତ୍ର ବହନ କରେ ଏହି ମହାକାବ୍ୟ । ଯାହା ସାଧାରଣ ଦୃଷ୍ଟିକୁ ଆସି ମଧ୍ୟ ଆସେ ନାହିଁ, ତାକୁ ଦୃଷ୍ଟିଗୋଚର କରାଇଛନ୍ତି ମହାକବି ସାରଳା । ତାଙ୍କ ଭାଷାରେ – "ଅଦୃଷ୍ଟିକି ଦୃଷ୍ଟି ମୁଁ ଯେ କରାଇଲି ଆଣି ।" (ଦ୍ରୋଣ ପର୍ବ)

ସାରଳା ଦାସଙ୍କ ଜୀବନ ବଡ଼ ବୈଚିତ୍ର୍ୟମୟ । ବିଭିନ୍ନ ପର୍ଯ୍ୟାୟ ମଧ୍ୟରେ ଗତି କରି ବୟସାଧିକ କାଳରେ ସେ ମହାଭାରତ ରଚନାରେ ମନୋନିବେଶ କରିଛନ୍ତି । ସାରଳା ପ୍ରଥମତଃ କୃଷିକାରୀ (ନାନା କୃଷି କରି ସୁଖରେ ଦିନ ନେଉ - ଆଦିପର୍ବ), ଦ୍ୱିତୀୟତଃ ସୈନିକ (କ୍ଷତ୍ରୀପଣ ଇଚ୍ଛିଲି ମୁଂ ଯେ ପ୍ରଶୁରାମଂକ ପ୍ରସାଦେ), ତୃତୀୟତଃ ସନ୍ନ୍ୟାସୀ - ପରିବ୍ରାଜକ, ଚତୁର୍ଥତଃ ଶାସ୍ତ୍ରବେତ୍ତା, ପଞ୍ଚମତଃ କାବ୍ୟକର୍ତ୍ତା । କୃଷିକାରୀ ଭାବେ ଗ୍ରାମ୍ୟଜୀବନ ଓ କୃଷକର ଦୈନ୍ୟ ସହ ନିବିଡ଼ ସଂପୃକ୍ତି, କପିଳେନ୍ଦ୍ର ଦେବଙ୍କ ସୈନ୍ୟବାହିନୀରେ ସୈନିକ ଭାବରେ ଦାକ୍ଷିଣାତ୍ୟର ବିଭିନ୍ନ ରାଜ୍ୟକୁ ଯାତ୍ରା ଏବଂ ରାଜା, ପାରିଷଦ, ସୈନ୍ୟସାମନ୍ତ, ପଣ୍ଡିତ ମଣ୍ଡଳୀ, ନଗର, ରାଜଧାନୀ, ରାଜପୁରୀ, ଯୁଦ୍ଧକ୍ଷେତ୍ର ଓ ଯୁଦ୍ଧାଭିଯାନ ସହ ବିଶେଷ ପରିଚିତି ଏବଂ ଜଣେ ସନ୍ନ୍ୟାସୀ-ପରିବ୍ରାଜକ ଭାବେ ବିଭିନ୍ନ ରାଜ୍ୟର ଭୌଗୋଳିକ ସ୍ଥିତି, ତୀର୍ଥସ୍ଥଳୀ, ବନଭୂମି, ମୁନିଋଷି, ଐତିହାସିକ ସ୍ଥାନ, ସମାଜ ଜୀବନ, ଧର୍ମଦର୍ଶନ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନର୍ଜନ ଫଳରେ ତଶଙ୍କର ଶାସ୍ତ୍ର ପୁରାଣ ପ୍ରତି ଗଭୀର ଅନୁରାଗ ଆସିଛି । ଶେଷରେ ବ୍ରାହ୍ମ ପଣ୍ଡିତମାନଙ୍କଠାରୁ ଶାସ୍ତ୍ରଶ୍ରବଣ, ଶାସ୍ତ୍ରାଧ୍ୟୟନ ଓ ଶାସ୍ତ୍ରଚର୍ଚ୍ଚା ଭିତରେ କାଳାତିପାତ କରିଛନ୍ତି ।

ଏହିପରି ଭାବେ ବିପୁଳ ଅନୁଭୂତି ଓ ଶାସ୍ତ୍ରଜ୍ଞାନ ଲାଭ କରିବା ପରେ ସାରଳା ଦେବୀଙ୍କ ପୀଠସ୍ଥିତ ବଡ଼ବୃକ୍ଷ ତଳେ ବସି ମହାଭାରତ ରଚନା ଆରମ୍ଭ କରିଛନ୍ତି । କାବ୍ୟସାଧନା ପୂର୍ବରୁ ବିଭିନ୍ନ ପର୍ଯ୍ୟାୟ ଅତିକ୍ରମ କରିଥିଲେ ମଧ୍ୟ ତାଙ୍କର କବି ମନୋଭୂମି ଉପରେ ସୈନିକ ଜୀବନର ପ୍ରଭାବ ସର୍ବାଧିକ । ଯୁଦ୍ଧ ଓ ସମରାଭିଯାନର ଉନ୍ମାଦନାମୟ ପରିବେଶ ଭିତରେ ଜୀବନର ଶ୍ରେଷ୍ଠ ସମୟଟି ଅତିବାହିତ କରିଥିବାରୁ ସମର ବହୁଳ ମହାଭାରତ କାହାଣୀକୁ ନିର୍ବାଚନ କରିବା ତାଙ୍କ ପକ୍ଷରେ ସ୍ୱାଭାବିକ ଥିଲା । ପ୍ରତ୍ୟକ୍ଷ ଅଭିଜ୍ଞତା ଦୃଷ୍ଟିରୁ ସେ ବାରମ୍ବାର ଯୁଦ୍ଧ ଓ ଯୁଦ୍ଧଯାତ୍ରାର ବିସ୍ତୃତ ବର୍ଣ୍ଣନା ଦେଇଛନ୍ତି, ତା' ସହିତ ଅସଂଖ୍ୟ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧବାଦ୍ୟର ନାମୋଲ୍ଲେଖ କରିଛନ୍ତି । ଯୋଦ୍ଧାମାନଙ୍କର ଆଡ଼ମ୍ବରପୂର୍ଣ୍ଣ ବେଶଭୂଷା, ପୋଷାକ, ଅଳଂକାର, ବହୁବିଧ ପତାଳା, ଛତ୍ରୀ, ବୈରଖ, ଆଲଟ ଚାମର, ଉଦଣ୍ଡ, ଯୁଦ୍ଧାଶ ଏବଂ ଯୁଦ୍ଧହସ୍ତୀମାନଙ୍କ ସାଜସଜ୍ଜା, ଅସ୍ତ୍ରଶସ୍ତ୍ରର ଝନତ୍କାର, ଯୁଦ୍ଧବାଦ୍ୟର ଗୁରୁଗମ୍ଭୀର ନିର୍ଘୋଷ ପ୍ରଭୃତିର ବର୍ଣ୍ଣନାରେ ଯୁଦ୍ଧଯାତ୍ରାର ଚିତ୍ରଗୁଡ଼ିକ ବଡ଼ ଜୀବନ୍ତ । ବହୁ ସ୍ଥଳରେ ଅସ୍ତ୍ରଯୁଦ୍ଧ, ଶସ୍ତ୍ରଯୁଦ୍ଧ, ଗଦାଯୁଦ୍ଧ, ମଲ୍ଲଯୁଦ୍ଧ ଆଦିର ବର୍ଣ୍ଣନା ଏବଂ ପ୍ରତ୍ୟେକ ଯୁଦ୍ଧର ନିୟମ ବୟାନରେ କବିଙ୍କ ପ୍ରତ୍ୟକ୍ଷ ଅନୁଭୂତି ସ୍ପଷ୍ଟ ।

ମାତୃଭାଷାରେ ଏକ ମୌଳିକ ମହାଭାରତ ଲେଖିବା ମୂଳରେ ସାରଳାଦାସଙ୍କର ଏକ ସୈନିକ ସୁଲଭ ନିର୍ଭୀକତା ଓ ମୁନିସୁଲଭ ସ୍ୱାଧୀନଚେତନା ଲକ୍ଷିତ ହୁଏ । ସାରଳା ମହାଭାରତର ବସ୍ତୁଯୋଜନା, ଚରିତ୍ରଚିତ୍ରଣ, ଭାଷା ପ୍ରୟୋଗ, ଶୈଳ୍ପିକ ଦୃଷ୍ଟି ଓ ବର୍ଣ୍ଣନା ବିଳାସ ସହିତ ଜୀବନ ଦର୍ଶନ, ଧର୍ମବିଶ୍ୱାସ ଓ ସମାଜ ଚେତନାର ଉପସ୍ଥାପନାରେ ମହାକବିଙ୍କ ସ୍ୱାଧୀନ ପ୍ରଗତିଶୀଳ ଚିନ୍ତାଧାରାର ପ୍ରତିଫଳନ ଘଟିଛି । ପଞ୍ଚଦଶ ଶତାବ୍ଦୀରେ ଲିଖିତ ଏକ ସ୍ୱଭାବସିଦ୍ଧ ମହାକାବ୍ୟର ସୃଷ୍ଟି-କଳ୍ପନାରେ ସେ ଯେଉଁ ସ୍ୱାଧୀନ ବିଚାରବୋଧ ପ୍ରଦର୍ଶନ କରିଛନ୍ତି, ତାହା ସମଗ୍ର ଭାରତୀୟ ସାହିତ୍ୟରେ ଅନନ୍ୟ ।

ରାଜଦରବାରରେ ତଥା ବିଦ୍ୱତ୍‌ମଣ୍ଡଳୀରେ ସଂସ୍କୃତ ସାହିତ୍ୟ ସମାଦର ଲାଭ କରୁଥିବା ସମୟରେ ସମସ୍ତ ସ୍ତରର ଓଡ଼ିଆ ଭାଷାଭାଷୀ ଲୋକଙ୍କ ଧର୍ମୀୟ ତଥା ସାହିତ୍ୟିକ ରସତୃଷ୍ଣା ପରିତୃପ୍ତ କରିବାପାଇଁ ସାହିତ୍ୟିକ ରସତୃଷ୍ଣା ପରିତୃପ୍ତ କରିବାପାଇଁ ସାହିତ୍ୟିକ ପରଂପରାକୁ ବିରୋଧ କରି ସାରଳା ଦାସ ପ୍ରଥମ କରି ଓଡ଼ିଆ ଭାଷାରେ ମହାଭାରତ ରଚନା ଆରମ୍ଭ କଲେ ।

> "ଶ୍ରୀ ମହାଭାରତ ଏ ଅମିୟ ରସବାଣୀ
> ସଂସାର ଜନହିତେ ବଞ୍ଚାଇଲି ଆଣି ।" (ମଧ୍ୟପର୍ବ)

ଏପରି ଏକ ଦୁଃସାହିସକ କାର୍ଯ୍ୟ କରୁଥିବାରୁ ସାରଳା ଦେବୀଙ୍କ ଆଜ୍ଞାରେ ମହାଭାରତ ଲେଖୁଛନ୍ତି ବୋଲି କହିଛନ୍ତି । ଫଳରେ ବିଭିନ୍ନ ପ୍ରସଙ୍ଗରେ ସହଜ ଭାବେ ତାଙ୍କର ନିର୍ଭୀକତାକୁ ବ୍ୟକ୍ତ କରିଛନ୍ତି । ସେ ଯେ ଜଣେ ନିର୍ଭୀକ ସ୍ରଷ୍ଟା ଥିଲେ, ପ୍ରସଙ୍ଗ କ୍ରମେ ତାହା ଉଲ୍ଲେଖ କରିଛନ୍ତି ନିଜକୁ 'ଅଭୟ ବକତା' ବୋଲି କହି – "ତାହାଙ୍କ ଆଗ୍ୟାଂୟେ ମୁଂ କହିଲି ଯେତେ କଥା, ଶ୍ରୀଚଣ୍ଡୀ ସାରୋଳା ପ୍ରସନ୍ନେ ମୁଂ ଅଭୟ ବକତା ।"

ସର୍ବଜନଂକ ହିତଲାଗି ସାହିତ୍ୟ ସୃଷ୍ଟି କରିବା ଏକ ମୁନିସୁଲକ ଗୁଣ । ଏହି ଗୁଣର ଅଧିକାରୀ ଥାଇ ଉତ୍କଳର ଏହି ବ୍ୟାସମୁନି ନିଜକୁ ଶୁଦ୍ରମୁନି ଭାବେ ପରିଚିତି କରାଇଛନ୍ତି । ଶୂଦ୍ରମୁନି ପଦଟି କୌଣସି ରାଜା ବା ସାମନ୍ତଙ୍କ ଦ୍ୱାରା ପ୍ରଦତ୍ତ ନୁହେଁ । ଏହା ସ୍ୱାଧୀନଚେତା, ଦୁଃସାହସୀ ସାରଳାଦାସଙ୍କ ସ୍ୱର୍ଜିତ ଘୋଷଣା ମାତ୍ର । ମୁନିମାନେ ସାଧାରଣତଃ ବ୍ରାହ୍ମଣ । ଜଣେ ଅବ୍ରାହ୍ମଣ ଶୂଦ୍ର ଯେ ଅସାଧାରଣ ପ୍ରତିଭା ତଥା ବିପୁଳ ଶାସ୍ତ୍ରଜ୍ଞାନର ଅଧିକାରୀ ହୋଇପାରେ, ଏହା ସେ ସମୟରେ ଅକଳ୍ପନୀୟ ଥିଲା । ସାରଳା ଦାସ ନିଜେ ତତ୍କାଳୀନ ବ୍ରାହ୍ମଣ ପଣ୍ଡିତମାନଙ୍କ ଅପେକ୍ଷା ଯେ ଅଧିକ ଶାସ୍ତ୍ରଜ୍ଞ ଓ ପ୍ରତିଭାଧାରୀ ଥିଲେ, ସେ ସମ୍ପର୍କରେ ତାଙ୍କର ଯଥେଷ୍ଟ ସଚେତନତା ମଧ୍ୟ ଥିଲା । ସେଥିପାଇଁ ସେ ଏପରି ସ୍ପର୍ଦ୍ଧା ପୋଷଣ କରିଥିଲେ । ଏ ସ୍ପର୍ଦ୍ଧାମୂଳରେ ଏକ ଦୃଢ଼ ବ୍ୟକ୍ତିତ୍ୱ ଓ ଦୁଃସାହସୀ ମନୋଭାବକୁ ଲକ୍ଷ୍ୟ କରାଯାଇପାରେ ।

ଅଧ୍ୟବସାୟ ବଳରେ ସାରଳାଦାସ ସଂସ୍କୃତ ମହାଭାରତ ସମେତ ବହୁ ସଂସ୍କୃତ କାବ୍ୟ, ପୁରାଣ ଓ ଶାସ୍ତ୍ର ଅଧ୍ୟୟନ କରିଥିଲେ । ଶାସ୍ତ୍ରଜ୍ଞାନ ହିଁ ସାରଳାଙ୍କ ଅନୁଭୂତି, ପର୍ଯ୍ୟବେକ୍ଷଣ ଶକ୍ତି ତଥା ଚିନ୍ତାଧାରାକୁ ବହୁ ଗୁଣରେ ପରିପୁଷ୍ଟ କରିଥିଲା । ନିଜସ୍ୱ ଅଭିବ୍ୟକ୍ତିର ସ୍ୱାଧୀନ ପ୍ରକାଶ ଲାଗି ସେ ଯେପରି ଦାଣ୍ଡିବୃତ୍ତ ପରି ଏକ ସ୍ୱାଧୀନ ଛନ୍ଦର ବ୍ୟବହାର କରିଛନ୍ତି, ଭାଷା ପ୍ରୟୋଗ କ୍ଷେତ୍ରରେ ମଧ ସେହିପରି ସ୍ୱାଧୀନ ଦାଣ୍ଡିଛନ୍ଦକୁ ସାରଳା ଦାସ ନିଜେ 'ଅସମଲେଖନ' ବୋଲି କହିଛନ୍ତି । ଏହି ପଦ୍ଧତିରେ ପଦମିଳନ ଥିଲେ ମଧ କୌଣସି ପାଦର ଅକ୍ଷର ସଂଖ୍ୟା ସମାନ ନୁହେଁ ।

ଯଥା: "ଆହୋ ମାନଗୋବିନ୍ଦ ସଭାରେ ଯେତେବେଳେ ଜଗନ୍ନାଥଙ୍କୁ ବୋଇଲୁ ଅନୀତି ଉତପାତ ପୁରୁଷ ପଶିଲେ ଆଜର ନିଶାରାତି । (ଉଦ୍‌ଯୋଗ ପର୍ବ)

ଏପରି ଛନ୍ଦରେ ଭାବପ୍ରକାଶର ଯଥେଷ୍ଟ ସ୍ୱଚ୍ଛନ୍ଦତା ଆସିଛି । ମହାଭାରତରେ ଅଂସଖ୍ୟ ତଦ୍‌ଭବ ଓ ଦେଶଜ ଶବ୍ଦ ସହିତ ଅସଂଖ୍ୟ ତତ୍ସମ ଶବ୍ଦ ବ୍ୟବହୃତ । ପୁଣି ସଂସ୍କୃତ ଶବ୍ଦ ଗଠନ ରୀତିରେ ବହୁ ନୂତନ ତତ୍ସମ ଶବ୍ଦର ସୃଷ୍ଟି ହୋଇଛି । ଉଭୟ ତତ୍ସମ ଓ ତଦ୍‌ଭବ ଶବ୍ଦ ବା ଧାତୁ ସହିତ ଦେଶଜ ଶବ୍ଦ ବା ପ୍ରତ୍ୟୟର ମିଳନରେ କିମ୍ବା ଦେଶଜ ଶବ୍ଦ ବା ଧାତୁ ସହିତ ସଂସ୍କୃତ ଶବ୍ଦ ବା ପ୍ରତ୍ୟୟର ମିଳନରେ ବହୁ ନୂତନ ଶବ୍ଦ ନିର୍ମିତ । ଦେବଦେବୀଙ୍କ ବନ୍ଦନାରେ ପ୍ରଯୁକ୍ତ ପାରଂପରିକ ବିଶେଷଣ ଅଳ୍ପ ବ୍ୟବହାର କରି ନିଜସ୍ୱ ସୃଷ୍ଟ ବିଶେଷଣ ଉପରେ ମୁଖ୍ୟତଃ ନିର୍ଭର କରିଛନ୍ତି ସାରଳା । ସଂସ୍କୃତ ଧାତୁ ବା ପଦ ସହିତ ଓଡ଼ିଆ କୃଦନ୍ତ ବା ତଦ୍ଧିତ ପ୍ରତ୍ୟୟ ଯୋଗରେ ନୂତନ ବିଶେଷଣ ସୃଷ୍ଟି ସାରଳାଙ୍କ ସଂସ୍କୃତ ଜ୍ଞାନର ପରିଚାୟକ । ସଂସ୍କୃତ ମହାଭାରତରେ ଦୁର୍ଯ୍ୟୋଧନାଦି ଶହେ ଭାଇଙ୍କ ନାମ ମଧ୍ୟରୁ ଅଧିକାଂଶର ନାମ 'ଦୁ' ଅକ୍ଷରରେ ଆରମ୍ଭ ହୋଇନାହିଁ । କିନ୍ତୁ ସାରଳା ଦାସ ସମନ୍ୱୟ ରକ୍ଷା ଲାଗି ଶହେଟି ଦୁର୍ମତି ସୂଚକ 'ଦୁ' ଆଦ୍ୟାକ୍ଷର ଶବ୍ଦ ନିର୍ମାଣ କରିଛନ୍ତି । (ଦୁର୍ବାସା ମନ୍ତ୍ରେ ଉପୁଜି ଦୁର୍ନାମା ସଭିଏଁ)

କବି ମନର ସ୍ୱାଧୀନ ଭାବ ହିଁ କବି କଳ୍ପନା ତଥା ପ୍ରକାଶଭଙ୍ଗୀରେ ସ୍ୱଚ୍ଛନ୍ଦତା ଆଣେ । ମୂଳ କଥାବସ୍ତୁ ସହ ସାରଳାଙ୍କ ମୌଳିକ କଳ୍ପନା ଏପରି ସମନ୍ୱିତ ଯେ ଏହି ମହାଭାରତକୁ ଏକ ସ୍ୱତନ୍ତ୍ର ସାହିତ୍ୟ ସୃଷ୍ଟି ନ କହି ଉପାୟ ନାହିଁ । ସାରଳା ମହାଭାରତ କେବଳ ବହୁ ମୌଳିକ ଉପାଖ୍ୟାନ ଦ୍ୱାରା ସମୃଦ୍ଧ ନୁହେଁ, ଗୋଟିଏ ଜାତିର ପ୍ରଚଳିତ କିମ୍ବଦନ୍ତୀ ଓ ଜନଶ୍ରୁତିକୁ ମଧ ଏହା କୁକ୍ଷିଗତ କରିଛି । ଏହା ଯଥାର୍ଥରେ ଓଡ଼ିଶାର ଜାତୀୟ ମହାକାବ୍ୟ । ଏଥିରେ ପଞ୍ଚଦଶ ଶତାବ୍ଦୀ ଓଡ଼ିଶା ତଥା ଭାରତବର୍ଷର ଚିତ୍ର କଳାତ୍ମକ କୌଶଳରେ ଉପସ୍ଥାପିତ । ସାରଳା ଦାସ ସମାଜର ବିସ୍ତୃତ ଚିତ୍ର ପ୍ରଦାନ କରିବା ସଂଗେ ସଂଗେ ତତ୍କାଳୀନ ସାଂସ୍କୃତିକ ଚେତନା ସଂପର୍କରେ ମଧ ବିଭିନ୍ନ ଅଂଶରେ ଯଥେଷ୍ଟ ସୂଚନା ଦେଇଛନ୍ତି । ଉଦାହରଣ ସ୍ୱରୂପ ବିରାଟ ପର୍ବରୁ ବିରାଟ ରାଜାଙ୍କୁ ଯୁଧିଷ୍ଠିରଙ୍କ ଉପଦେଶକୁ ନିଆଯାଇପାରେ ।

"ଆହୋ ବିରାଟ ଯେବଣ ରାଜ୍ୟରେ ସମାଜ ରଂଗସଭା ନାହିଂ
ଯାତ୍ରା ଉତ୍ସବ ଯେବଣ ରାଜ୍ୟରେ ନ ଥାଇ
ଯେବଣ ରାଜ୍ୟରେ ହୋ ନାହିଂ ଯାଗଯଗ୍ୟଂ
ନିଚୟ ସେ ରାଜ୍ୟ ଜାଣ ଅସୁରେଣ ଭୋଗ୍ୟ ।"

ସାରଳା ଦାସଙ୍କ ଚିନ୍ତାଧାରା ଥିଲା ଆଧୁନିକ ପ୍ରଗତିବାଦୀ ଚିନ୍ତାଧାରା ସମତୁଲ୍ୟ । କେବଳ ବ୍ୟକ୍ତି ସ୍ୱାତନ୍ତ୍ର୍ୟବୋଧ ହିଁ ଏପରି ଚିନ୍ତାର ଉଦ୍ରେକ କରିପାରେ । ସମାଜର ଉଚ୍ଚ ସ୍ତରରେ ଥିବା ରାଜା, ଋଷି ଓ ବ୍ରାହ୍ମଣମାନେ ହୋଇଛନ୍ତି ସାରଳାଦାସଙ୍କ ବ୍ୟଙ୍ଗର ଶିକାର । ସେ ରାଜାମାନଙ୍କର ଅନ୍ୟାୟ, ଅବିଚାର, ଅତ୍ୟାଚାର ଓ ନିଷ୍ଠୁରତା, ନୀତିପ୍ରବଞ୍ଚନା, ପ୍ରତାରଣା, ଶୋଷଣ ଓ ଅନା ·ରର ସ୍ୱରୂପ ଉନ୍ମୋଚନ କରିଛନ୍ତି । ସ୍ୱାଧୀନଚେତା କବି ସୁବିଧାଭୋଗୀ ବ୍ରାହ୍ମଣ ସମାଜକୁ ସବୁବେଳେ ଉଦାର ଦୃଷ୍ଟିରେ ଦେଖିନାହାନ୍ତି । କେତେକ ସ୍ଥଳରେ ବ୍ରାହ୍ମଣତ୍ୱର ଅସାରତା ଦର୍ଶାଇଛନ୍ତି । ଏ ପ୍ରସଙ୍ଗରେ ଆଦିପର୍ବର ଅର୍ଜୁନ କର୍ତ୍ତୃକ କପିଳାବଧ ଉପାଖ୍ୟାନଟି ଅନୁଧେୟ । ଅରଣ୍ୟରେ ପାଣ୍ଡବମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଶିବଲିଙ୍ଗଗୁଡ଼ିକର ପୂଜା ବ୍ୟବସ୍ଥା ଲାଗି ଶ୍ରୀକୃଷ୍ଣ ଓ ବ୍ୟାସଦେବଙ୍କ ଦ୍ୱାରା ଜଣେ ଆଦିବାସୀ ବାଉରିର ନିଯୁକ୍ତି ଓ ବ୍ରାହ୍ମଣତ୍ୱ ପ୍ରାପ୍ତି ଘଟଣା କୌତୂହଳପୂର୍ଣ୍ଣ । ବ୍ୟାସଦେବଙ୍କ ଆଦେଶରେ ସହଦେବ ଜଙ୍ଗଲରେ ଫଳମୂଳ ସଂଗ୍ରହ କରୁଥିବା ଶବର କପିଳା ବାଉରିକୁ ଧରିଆଣିଛନ୍ତି । ବ୍ୟାସଦେବ ତା' ଗଳାରେ କୋଇଲିସୂତା ନାମକ ବନଲତାକୁ ପଇତା ଭାବରେ ଲମ୍ବାଇଦେଇ ତାକୁ ବ୍ରାହ୍ମଣତ୍ୱ ପ୍ରଦାନ କରିଛନ୍ତି । ଏହାପରେ "କୃଷ୍ଣ ବୋଇଲେ ଶୁଣ ହୋ ଶବର ପାଣିପତ୍ର ଦେଇ ପୂଜାକର ହର ।"

ଯୁଧିଷ୍ଠିର ପରିହାସ କରିବାରୁ ବ୍ୟାସଦେବ ଯୁକ୍ତି ଦର୍ଶାଇଛନ୍ତି, ନାରାୟଣ ସର୍ବଭୂତରେ ବିଦ୍ୟମାନ ଥିବା ହେତୁ ପ୍ରତ୍ୟେକ ମଣିଷ ସମାନ - 'ଛପନ କୋଟି ଜୀବଜନ୍ତୁ ସଭିୟେଂ ଏକପ୍ରାଣ' । ଏଠାରେ ଜାତିଭେଦରେ ଅସ୍ୱୀକାର ଓ ମଣିଷର ସମାନତ୍ୱର ପ୍ରଚାର କରିଛନ୍ତି ସାରଳା ଦାସ । ତାଙ୍କ ମତରେ ଯେକୌଣସି ବ୍ୟକ୍ତି ମଧ କର୍ମଦ୍ୱାରା ବ୍ରାହ୍ମଣତ୍ୱ ପ୍ରାପ୍ତ ହୋଇପାରେ ।

ମଧ୍ୟପର୍ବରେ ଅର୍ଜୁନର ଅକ୍ଷୟ ତୂଣୀର ଓ ପାଶୁପତ ଅସ୍ତ୍ରଲାଭ ଉପାଖ୍ୟାନରେ ବ୍ରାହ୍ମଣବୃତ୍ତି ଅପେକ୍ଷା କୃଷିକର୍ମକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ଶିବଦାସ ବ୍ରାହ୍ମଣର ପୁତ୍ର ନିର୍ମଳ ପରାଂଗପୁଷ୍ଟ ନ ହୋଇ ଆପଣାର ଶ୍ରମରେ କୃଷି ଉତ୍ପାଦନ କରି ଜୀବକା ନିର୍ବାହ କରିବାକୁ ଅଧିକ ପସନ୍ଦ କରିଛି । ସେ ଲୋକକଳ୍ପିତ କୃଷକ ଦେବତା ଶିବଙ୍କୁ ପ୍ରାର୍ଥନା କରି କହିଛି –

"ବାଳୁତ ବୋଇଲା ଭୋ ବିଶ୍ୱନାଥ ମୋତେ ପ୍ରସନ୍ନ ହୋଇବା
ଯେ ଭୃଥଖଣ୍ଡେ ମୋତେ ଚାଷବୃତ୍ତି ଦେବା ।"

ଏହାପରେ ଏହାର ସମସ୍ତ ବଂଶ କୃଷିକାରୀ ହୋଇଛନ୍ତି, 'ତେଣୁ ସେ ବ୍ରାହ୍ମଣେ ଯେ ହୋଇଲେ କୃଷିକାରୀ' । ଏଠାରେ କୃଷିକାରୀ ବ୍ରାହ୍ମଣମାନଙ୍କ ଗୁରୁତ୍ୱ ସୂଚିତ ।

ଜାତି ସମ୍ପର୍କରେ ସାରଳାଦାସଙ୍କ ଦୃଷ୍ଟି ଥିଲା ଉଦାର ଓ ପ୍ରଶସ୍ତ । ଜାତି ଅପେକ୍ଷା ବ୍ୟକ୍ତି ବଡ଼ । ମଣିଷର ମଣିଷତ୍ୱ କଳିତ ହୁଏ ତା' ର ବ୍ୟକ୍ତିତ୍ୱ ଦ୍ୱାରା । ଯେଉଁ ବ୍ୟକ୍ତି ମହତ୍ତ୍ୱଗୁଣର ଅଧିକାରୀ, ସେ ତା'ର ଜାତିଯୋଗୁଁ ନୀଚ ବିବେଚିତ ହୁଏ ନାହିଁ । ଗୁଣ ଓ କର୍ମ ମଣିଷକୁ ସମାଜରେ ପ୍ରତିଷ୍ଠିତ କରେ । ଏ କ୍ଷେତ୍ରରେ ଜାତି ଅପ୍ରାସଙ୍ଗିକ । ଜାତିକୁ ଅସ୍ୱୀକାର କରି ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ଦେଉଥିବାରୁ କାହାକୁ ଜାତି ପଚାରିବା ଉଚିତ୍ ନୁହେଁ ବୋଲି ସାରଳାଦାସଙ୍କ ମତ । ମଧ୍ୟପର୍ବରେ ନୀଳେନ୍ଦ୍ରି ହରଣ ପ୍ରସଙ୍ଗରେ ଶିବ ପାର୍ବତୀଙ୍କୁ କହୁଛନ୍ତି –

"ବିଶ୍ୱନାଥ ବୋଇଲେ ସେ ଅଟଇ କିସ ଜାତି

ତାହାକୁ ପୁଚ୍ଛିବାକୁ ଆମ୍ଭର କେବଣ ଯୁଗତି ।"

ପଞ୍ଚଦଶ ଶତାବ୍ଦୀ ବେଳକୁ ଜାତିଭେଦ ପ୍ରଥାର ତୀବ୍ରତା ତଥା ବ୍ରାହ୍ମଣମାନଙ୍କର ଅହଂକାର ଏପରି ଥିଲା ଯେ ଶୁଦ୍ର ନମସ୍କାର କଲେ ରକ୍ଷଣଶୀଳ ବ୍ରାହ୍ମଣମାନେ ନିଜକୁ ଅପବିତ୍ର ମନେ କରୁଥିଲେ । ଶୁଦ୍ର ପୁତ୍ର ନମସ୍କାର କରିବାରୁ ଅପବିତ୍ର ହୋଇଗଲେ ବୋଲି ନାରଦ କହିବାରୁ ଶୁଦ୍ରପୁତ୍ର ପ୍ରତିବାଦଭରା କଣ୍ଠରେ ପ୍ରଶ୍ନ କରିଛି- "ବ୍ରାହ୍ମଣ ସୁକୃତ କି ହରଇ ଶୂଦ୍ର ନମସ୍କାର କଲେ ।" ଶୂଦ୍ରଜାତି ପ୍ରତି ବ୍ରାହ୍ମଣମାନଙ୍କ ବିଦ୍ୱେଷ ବିରୁଦ୍ଧରେ କବିଙ୍କର ପ୍ରତିକ୍ରିୟା ଏଠାରେ ପ୍ରତିଫଳିତ ।

"ସେ ନନ୍ଦନ ବୋଇଲା ମୁନି ହେ ତୁମ୍ଭ ପାଦେ ମୋହୋର ନମସ୍କାର
ଦେଖିଣ ବିସ୍ମୟ ହେଲେ ବ୍ରହ୍ମାଙ୍କ କୁମର ।
ଆରେ ନରଚାଣ୍ଡାଳ ତୁ ଆମ୍ଭଙ୍କୁ ପ୍ରଣପତ୍ୟ
ଆଜ ଆମ୍ଭର ଗଲାରେ ଦିନକର ସୁକୃତ ।
ସେ ପୁତ୍ର ବୋଇଲା ମୁନି ହେ ମୁଂ ବ୍ରାହ୍ମଣ ଦେଖିଲେ
ନିତିପ୍ରତି ପ୍ରଣପତ୍ୟ କରଇ ତାହାଙ୍କ ପୟରେ
ବ୍ରାହ୍ମଣ ସୁକୃତ କି ହରଇ ଶୁଦ୍ର ନମସ୍କାର କଲେ ।"
(ବିରାଟ ପର୍ବ)

ସାରଳା ଦାସଙ୍କ ଉଦାର ଦୃଷ୍ଟି ବ୍ରାହ୍ମଣମାନଙ୍କ ସଂକୀର୍ଣ୍ଣତା ବିରୁଦ୍ଧରେ ପ୍ରତିବାଦ କରିଉଠିଛି । ବର୍ତ୍ତମାନ ମଧ୍ୟ ଗ୍ରାମ ଭାରତରେ ଏପରି ସଂକୀର୍ଣ୍ଣ ମନୋଭାବ ସମ୍ପୂର୍ଣ୍ଣ ଦୂରୀଭୂତ ହୋଇନାହିଁ ।

ଯୁଗ ଯୁଗ ଧରି ଦୁଇଟି ବୃହତ୍ ଶକ୍ତିର ଅହଂକାର ପ୍ରମତ୍ତ ସଂଘର୍ଷ ବହୁ ରାଜ୍ୟ ବା ଦେଶର ଅସଂଖ୍ୟ ନିରୀହ ଜନସାଧାରଣଙ୍କ ଜୀବନ ନାଶର କାରଣ ହୋଇଛି । କିନ୍ତୁ ଶକ୍ତିମାନ ଶାସକମାନେ ଏହା କେବେ ଉପଲବ୍ଧି କରିନାହାନ୍ତି । ସାଧାରଣ ଲୋକଙ୍କ ଅକାରଣ ଦୂରାବସ୍ଥା ପ୍ରତି ସେମାନେ କେବେ ସହାନୁଭୂତିଶୀଳ ହୋଇନାହାନ୍ତି । ଆଧୁନିକ ଯୁଗରେ ମାନବବାଦୀ ବୁଦ୍ଧିଜୀବୀମାନେ ଯେପରି ଏହି ଯୁଦ୍ଧ ମାନବପ୍ରେମୀ ସ୍ୱର ଆମେ ଶୁଣିପାରୁ ସାରଳା ଦାସଙ୍କ ମହାଭାରତରେ ଯୁଧିଷ୍ଠିରଙ୍କର ଦୁର୍ଯ୍ୟୋଧନ ପ୍ରତି ଉଦ୍ଦିଷ୍ଟ ଅନୁରୋଧରେ –

"ଯୁଝେଷ୍ଟି ଦେବ ବୋଇଲେ ଯେବେ ୟେ ତୋହର ମତ
ସନ୍ୟ ସେନାସାମନ୍ତ ବାହାର କରିଦିଅ ସମସ୍ତ ।
ତୋହୋର ମୋହୋର ଯେବେ ହୋଇବା ବିବାଦୀ
ଅଦୋଷୀ ଲୋକନ୍ତ କିମ୍ପେ ସମରେ ହାଦେ ଛେଦି ।
ତୁମ୍ଭେ ଶତେ ଭ୍ରାଥ ଉଭାର କୁରୁପତି
ଆମ୍ଭେ ଯେ ପଞ୍ଚୁଭାଇ ହୋଇ ୟେକ ମୂର୍ତ୍ତି ।
ଆବର ବନ୍ଧୁ ଲୋକନ୍ତ ନାଶିବା କିସ ଅର୍ଥେ
ୟେତେ ଲୋକ ନାଶଂଗତ ହୋଇବେ କେମନ୍ତେ ।"
(ଭୀଷ୍ମ ପର୍ବ)

ଆଧୁନିକ ଯୁଗର ପ୍ରଭାବରେ ଜାତିଭେଦର ଦୂରୀକରଣ ସମ୍ଭବ ହୋଇପାରିବ ବୋଲି ଯେଉଁ ବିଶ୍ୱାସ ରହିଆସିଛି, ତାହା ବହୁ ସ୍ଥଳରେ ବିଡ଼ମ୍ବନାରେ ପରିଣତ ହୋଇଛି । ଅଥଚ ୧୫ଶ ଶତାବ୍ଦୀର ସାରଳା ଦାସଙ୍କ ମନ ଭିତରେ ଜାତିଗତ ସାମ୍ୟଭାବ ସମ୍ପର୍କରେ ଯେଉଁ ବିଶ୍ୱାସବୋଧ ରହିଥିଲା, ତାହା ପ୍ରକଟିତ ହୋଇଛି ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞର ଭୋଜନ ବ୍ୟବସ୍ଥା ପ୍ରସଙ୍ଗରେ –

"ଆଦିହୁଂ ବ୍ରାହ୍ମଣ ଚାଣ୍ଡାଳ ଯାୟ ୟେକା ଆସନେ
ସବୁନ୍ତି ୟେକତୁଲ୍ୟ ଭୋଜନ ବିଧାନେ ।"(ସଭାପର୍ବ)

କେତେକ ସ୍ଥଳରେ ପ୍ରଥାଗତ ଆଚାରକୁ ବିରୋଧ କରାଯାଇଛି । ଯୁକ୍ତିହୀନ ଭାବେ ପରଂପରାକୁ ସ୍ୱୀକାର କରିବାର ଅନୌଚିତ୍ୟ ନିମ୍ନରେ ପ୍ରଦର୍ଶିତ –

"ପିତା ହୋଇ ପୁତ୍ରନ୍ତ ଯେବେ ନ ବାଞ୍ଛଇ ଭଲ
ଆମ୍ଭେ କିଂପା କରିବୁ ସେ ଦୁଷ୍ଟ ପିତାର ବୋଲ ।"

ସମାଜରେ ନିଜକୁ ବଡ଼ ବୋଲାଉଥିବା ବ୍ୟକ୍ତିମାନଙ୍କର ବିଶେଷତଃ ସମାଜନୀତି ପ୍ରବକ୍ତମାନଙ୍କର ଚରିତ୍ରର ଅନ୍ଧକାର ଦିଗକୁ ଉନ୍ମୋଚିତ କରିବା ଦିଗରେ ସାରଳାଙ୍କ ନିର୍ଭୀକତା ଓ ସ୍ୱାଧୀନ ମନୋଭାବ ପରିଦୃଷ୍ଟ ହୁଏ । ଶାନ୍ତନୁ, ପରାଶର, ଦୁର୍ବାସା, ବ୍ୟାସଦେବ, ଅମ୍ବିକା ପ୍ରଭୃତି ମହର୍ଷିମାନଙ୍କ ସହିତ ବ୍ରହ୍ମା, ଶ୍ରୀକୃଷ୍ଣ ଆଦି ଦେବତା ତାଙ୍କ ବ୍ୟଙ୍ଗର ସମ୍ମୁଖୀନ ହୋଇଛନ୍ତି ।

ଶ୍ରୀକୃଷ୍ଣଙ୍କ ଘୋର ଅସଂଯମ ସହଜ ସୁନ୍ଦରୀ ପ୍ରସଙ୍ଗରେ ବର୍ଣ୍ଣିତ । ବୃଦ୍ଧ ବୟସରେ ଶାନ୍ତନୁଙ୍କର ପ୍ରବଳ କାମାସକ୍ତି ପୁତ୍ର ଭୀଷ୍ମଙ୍କୁ ସାଂସାରିକ ସୁଖ ସୌଭାଗ୍ୟରୁ ବଞ୍ଚିତ କରିଛି । ବ୍ୟାସଦେବ ପୁତ୍ରବଧୂ ଅମ୍ବିକା ଅମ୍ବାଳିକାଙ୍କୁ ସନ୍ତାନ ସୃଷ୍ଟି ନାମରେ ଧର୍ଷଣ କରିଛନ୍ତି । ପରାଶର ମହର୍ଷି ନଦୀ ପାର କରୁଥିବା କୈବର୍ତ୍ତ କିଶୋରୀ ସତ୍ୟବତୀଙ୍କୁ ଦେଖି କାମ ବିହ୍ୱଳ ହୋଇପଡ଼ିଛନ୍ତି ।

"କୋଳେ ଧରିଣ ମୁନି ଜାନୁରେ ବସାଇଲେ
ମଦନ ଆରତେ ମୁନି ମୁଖେ ଚୁମ୍ବ ଦେଲେ ।
କାମ ଅସାଷ୍ଟମେ ମୁନି ରମଣ କଲେ ବାଞ୍ଛା
ବଦନ୍ତି ମହାରଷି ଆମ୍ଭର ତୋତେ ଇଚ୍ଛା ।"

ଅମ୍ବିକା ମହର୍ଷିଙ୍କର 'ମୃଗୁଣୀ ହରଣ' ପ୍ରସଙ୍ଗରେ ଋଷିମାନଙ୍କର ଅଦମ୍ୟ କାମପ୍ରବୃତ୍ତି ସୂଚିତ । ଏପରିକି ସୃଷ୍ଟିକର୍ତ୍ତା ବ୍ରହ୍ମା ମଧ୍ୟ ମଦନିକା ଆଦି ସ୍ନାନରତା ଅପ୍‌ସରାମାନଙ୍କ ଦର୍ଶନରେ କାମପୀଡ଼ିତ ହୋଇପଡ଼ିଛନ୍ତି । ଚିରକ୍ରୋଧୀ ମହର୍ଷି ଦୁର୍ବାସା ଚାତୁର୍ମାସ୍ୟା ବ୍ରତ ପାଳନ ଲାଗି କୋନ୍ତାଭୋଜଙ୍କ ଉଦ୍ୟାନ ଗୃହରେ ସୁନ୍ଦରୀ ରାଜକନ୍ୟା କୁନ୍ତୀଙ୍କ ପରିଚର୍ଯ୍ୟାରେ ରହି ତୀର୍ଥଯାତ୍ରା କଥା ବିସ୍ମୃତ ହୋଇଯାଇଛନ୍ତି । କୁନ୍ତିଙ୍କ ରୂପରେ ମୁଗ୍ଧ ହୋଇ ବର୍ଷା ଚାରିମାସ କଟାଇବାକୁ ଆସିଥିବା ଋଷି ପାଞ୍ଚବର୍ଷ କାଳ ରହିଯାଇଛନ୍ତି । ସାରଳା ତିର୍ଯ୍ୟକ୍ ଦୃଷ୍ଟିରେ –

"କୋଇନ୍ତାର ଭଗତେ ଅନେକ ସନ୍ତୋଷ ଦୁର୍ଭାସା
ନାନା ତୀର୍ଥକୁ ମୁନି ନ କଲେ ମନୀଷା ।
କୋନ୍ତଭୋଜ ରାଜ୍ୟେ ମୁନି ରହିଲେ ନିଶ୍ଚିନ୍ତେ
ଚତୁର୍ମାସ୍ୟାକୁ ବୋଲି ରହିଲେ ପାଞ୍ଚ ବରଷ ପରିଯନ୍ତେ ।"
(ଆଦିପର୍ବ)

ଦୁର୍ବାସାଙ୍କ କାମୁକତା ଆହୁରି ସ୍ପଷ୍ଟ ହୋଇଛି ପରବର୍ତ୍ତୀ ଅଂଶରେ ଉଲ୍ଲିଖିତ କୁନ୍ତୀଙ୍କ ଉକ୍ତିରୁ ।

"ପରଦାରାୟେଣୀ ବୋଲି କେହି ପ୍ରଦାନ ନୋହିବେ ।
ସମସ୍ତେ ହିଁ ଦୁର୍ବାସା ଋଷିଙ୍କୁ ଦୋଷ ଦେବେ ।
ବୋଲିବେ ମୁନିଙ୍କ ସଂଗେ ଯେ ଥିଲାକ ସମୟେ
ଦୁର୍ବାସାଙ୍କ ରମଣେ ଉପୁଜିଲା ତନୟେ ।"

ଧର୍ମପନ୍ଥା ସମ୍ପର୍କରେ ସାରଳା ଦାସଙ୍କ ଦୃଷ୍ଟିକୋଣରେ କୌଣସି ସଂକୀର୍ଣ୍ଣତା ନ ଥିଲା । ସେ ଯଦିଚ ଇଷ୍ଟଦେବୀ ସାରଳାଙ୍କ 'ବାକ୍ୟ ଦେବୀ, କୃପାଜଳ ନନ୍ଦିନୀ ସରସ୍ୱତୀ' ଭାବେ ଆରାଧନା କରି କାବ୍ୟସାଧନା କରିଛନ୍ତି, ତଥାପି ବିଭିନ୍ନ ସ୍ଥାନରେ ସାରଳାଙ୍କ ବ୍ୟତୀତ ଗଣେଶ, ଶିବ, ବିଷ୍ଣୁ, ବ୍ରହ୍ମା, ଅଗ୍ନି, ଯମ, କୁବେର, କୃଷ୍ଣ, ଜଗନ୍ନାଥ, ବଳରାମ, ଶ୍ରୀରାମ, ହନୁମାନ, ପରଶୁରାମ, ହରିହର, ନାରାୟଣ, ଭୀମସେନ, ବ୍ୟାସଦେବ, ମତ୍ସ୍ୟେନ୍ଦ୍ର ନାଥ ପ୍ରଭୃତିଙ୍କୁ ପାରମ୍ପରିକ ରୀତିରେ ସ୍ତୁତି କରିଛନ୍ତି । ଉଦାହରଣ ସ୍ୱରୂପ 'ଶ୍ରୀବିଘ୍ନନାଥ ଚରଣେ ମୋର ସେବା', 'ଅମର ସରସ୍ୱତୀ ଚରଣେ ଅନୁବ୍ରତେ', 'ଶ୍ରୀ ହନୁମନ୍ତ ଚରଣେ ମୋର ସେବା', 'ଜୟ ଜୟ ମହାଦେବ ଉମା ପ୍ରାଣନାଥ', ଶ୍ରୀଜଗନ୍ନାଥ ପଦ୍ମପାଦ ସେବି, ବିରଞ୍ଚି ନାରାୟଣଙ୍କ ଚରଣେ ଶରଣ' ଇତ୍ୟାଦି । ପ୍ରାଚୀନ ମଧ୍ୟଯୁଗୀୟ କବିମାନଙ୍କ ମଧ୍ୟରେ ଏପରି ଧର୍ମମତଗତ ଉଦାରତାଲକ୍ଷିତ ହୁଏ ନାହିଁ । ସମସ୍ତ ଧର୍ମମତକୁ ସମ୍ମାନ ହିଁ ଯଥାର୍ଥ ଧର୍ମନିରପେକ୍ଷତା ।

ସମାଜର ଶୋଷିତ, ଅତ୍ୟାଚାରିତ ନିମ୍ନସ୍ତରର ମଣିଷ ପ୍ରତି କରୁଣା ଓ ମାନବିକ ସଂବେଦନା ସାରଳା ମହାଭାରତର ଅନେକତ୍ର ପରିଲକ୍ଷିତ । ମନେହୁଏ ସାରଳା ଦାସ ଚିର ଅବହେଳିତ ଆଦିବାସୀ ଓ କୃଷକ ସମାଜ ପ୍ରତି ଅଧିକ ଦୟାର୍ଦ୍ରଚିତ୍ତ । ଜାରାଶବରର ଶ୍ରୀକୃଷ୍ଣଙ୍କୁ ଶରାଘାତ ପ୍ରସଙ୍ଗରେ ଜାରା ଶବର ମୁଖରେ ଆଦିବାସୀ ସମାଜ ସମ୍ପର୍କରେ ସଭ୍ୟ-ସମାଜର ହେୟ ଓ ଅବଜ୍ଞାସୂଚକ ଦୃଷ୍ଟିକୋଣ ପ୍ରକାଶିତ । ସଭ୍ୟ ସମାଜ ନିକଟରେ ଆଦିବାସୀଙ୍କ ଜୀବନ ମୂଲ୍ୟହୀନ । ସମାଜର ଏଇ ବିଚାରକୁ ସାରଳା ଦାସ ଗଭୀର ସହାନୁଭୂତି ସହ ଜାରା ମୁଖରେ ତିର୍ଯ୍ୟକ୍‌ଭଙ୍ଗୀରେ ପ୍ରକାଶ କରିଛନ୍ତି- "ବନଚର ଲୋକ ସିନା ଜୀଇଂଲେ ଜୀଇଂଲି ମଲେ ମଲି" । ଝିମାଣି ଶାଳା ନିର୍ମାଣ ଉଦ୍ଦେଶ୍ୟରେ ନିରୀହ ଆଦିବାସୀମାନଙ୍କୁ ଆପଣ ଦ୍ୱାରା ପ୍ରେରିତ ଭିଟାମାଟିରୁ ବିସ୍ଥାପିତ କରି ଗଭୀର ଅରଣ୍ୟ ଭିତରକୁ ବିତାଡ଼ିତ କରିବାପାଇଁ ଦୁର୍ଯ୍ୟୋଧନଙ୍କ ସୈନ୍ୟମାନଙ୍କ ଦ୍ୱାରା ନିର୍ମମ ଅତ୍ୟାଚାରର ଚିତ୍ର ମର୍ମସ୍ପର୍ଶୀ । କାଳକାଳ ଧରି ଭାରତ ବିଭିନ୍ନ ସ୍ଥାନରେ ଏପରି ନିଷ୍ଠୁର ସମ୍ବେଦନହୀନ ଘଟଣାର ପୁନରାବୃତ୍ତି ଘଟୁଛି । କୃଷକ ଓ ନିମ୍ନଜନମାନଙ୍କର ଦାରିଦ୍ର୍ୟ ଓ ଦୁଃସ୍ଥିତି କେତେକ ସ୍ଥାନରେ ଚିତ୍ରିତ । କୃଷକମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇ କବି ଭୀଷ୍ମଙ୍କ ଅନୁଶାସନ ଭିତରେ କହିଛନ୍ତି –

"କୃଷିକାରୀ ଜନଙ୍କୁ ନ ଦଣ୍ଡିବୁ ଧନ
ଗୋଚର ନିମନ୍ତେ ଛାଡ଼ିଦେବୀ ବହୁ ସ୍ଥାନ ।"

ସେହିପରି ସମାଜର ଚେତନା ପ୍ରଦୀପ ସଦୃଶ କବିମାନଙ୍କ ଦାରିଦ୍ର୍ୟ ପ୍ରତି ସହାନୁଭୂତିଶୀଳ ହୋଇ ରାଜାମାନଙ୍କୁ କରୁଣା ଭିକ୍ଷା କରିଛନ୍ତି ଅନୁଶାସନ ପର୍ବରେ ।

"ଗୁଣୀଜନ ଗଣେ ଦେଇ କରୁଥିବୁ ପୂଜା
କବିମାନଙ୍କୁ କୃପଣ ନ ହୋଇବୁ ରାଜା ।"

ମହାଭାରତର କେତେକ ସ୍ଥଳରେ ନାରୀର ପୁରୁଷ ପ୍ରତି ଦୁର୍ବଳତା ପ୍ରଦର୍ଶିତ ହେଲେ ମଧ୍ୟ ବହୁ ସ୍ଥଳରେ ନାରୀର ଶକ୍ତି ଓ ସାମର୍ଥ୍ୟ, ସ୍ୱାତନ୍ତ୍ର୍ୟ ଓ ମହତ୍ତ୍ୱ ପ୍ରତିପାଦନ କରାଯିବାର ପ୍ରୟାସ ରହିଛି । ଏହା ସହିତ ନାରୀ ସମ୍ପର୍କିତ ଆଧୁନିକ ଭାବବୋଧ ତୁଳନୀୟ । ନାରୀ ଜନ୍ମର ସାର୍ଥକତା ଦର୍ଶାଇବାକୁ ଯାଇ ସାରଳା ଦାସ ସତ୍ୟବତୀଙ୍କ ମୁଖରେ କୁହାଇଛନ୍ତି – "ନାରୀ ଲିଙ୍ଗ ଜନ୍ମଗୋଟି ଦୁର୍ଲଭ ଗୋ ମାୟେ ।" ନାଗକନ୍ୟା ବେଲାବଳୀ ପ୍ରତି ଭୀମର ପ୍ରେମପୂର୍ଣ୍ଣ ଉକ୍ତିରେ ନାରୀ ସର୍ବୋଚ୍ଚ ସ୍ଥାନରେ ପ୍ରତିଷ୍ଠିତ ହୋଇଛି –

"ଜାତଗୁରୁ ଅଟନ୍ତି ସିନା ମୋହୋର ନିଜ ମାତ
ଆତ୍ମାଗୁରୁ ତୁହି ମୋର ପ୍ରାଣର ସଂଗାତ ।"

ଏହାହିଁ ଥିଲା ପଞ୍ଚଦଶ ଶତାବ୍ଦୀର କବି ସାରଳା ଦାସଙ୍କ ପ୍ରାଣର ବାଣୀ । ଭାରତବର୍ଷର ପ୍ରାଚୀନ - ମଧ୍ୟଯୁଗୀୟ ସାହିତ୍ୟରେ ନାରୀକୁ କୁତ୍ରାପି ବୋଧହୁଏ ଏପରି ଶ୍ରେଷ୍ଠତା ପ୍ରଦାନ କରାଯାଇନାହିଁ । ସମାଜରେ ଯୁଗ ଯୁଗ ଧରି ଅସମ୍ମାନ ଭୋଗୁଥିବା ନାରୀର ନିର୍ଯ୍ୟାତନାକୁ ସାରଳା ଦାସ ଜାରା ଶବରର ପତ୍ନୀ ଉପରେ କୌରବମାନଙ୍କ ବଳାତ୍କାର ଉଦ୍ୟମ, ଜୟଦ୍ରଥର ଦ୍ରୌପଦୀଙ୍କ ପ୍ରତି ବଳାତ୍କାର ଉଦ୍ୟମ, ସର୍ବୋପରି ସଭା ମଧ୍ୟରେ ଦ୍ରୌପଦୀଙ୍କ ବସ୍ତ୍ରହରଣର ମର୍ମନ୍ତୁଦ ଘଟଣା ମଧ୍ୟରେ ଉପସ୍ଥାପନ କରିଛନ୍ତି ।

ମନୋବିଜ୍ଞାନରେ କାମଭାବନାକୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରବୃତ୍ତି ଭାବରେ ଉଲ୍ଲେଖ କରାଯାଇଛି । କାମର ପ୍ରଭାବ ଅପ୍ରତିହତ ଏବଂ ମଣିଷର ସମସ୍ତ କାର୍ଯ୍ୟ ପଦ୍ଧତି ଏହା ଦ୍ୱାରା ନିୟନ୍ତ୍ରିତ ବୋଲି ଆଧୁନିକ ମନୋବିଜ୍ଞାନରେ ସ୍ୱୀକୃତ । ସାରଳା ଦାସ ଦେବତା ଓ ଧରାତଳର ନାରୀପୁରୁଷଙ୍କ ଉପରେ କାମର ଅଦମ୍ୟ ପ୍ରଭାବକୁ ଦର୍ଶାଇ କହିଛନ୍ତି –

"କାମ ସାଗର ଅଗାଧ ଅପ୍ରମିତ ଜଳ
କାହାକୁ ହିଂ ଦୃଶ୍ୟ ନାହିଂ ନାହିଁ ଥଳକୂଳ ।
କିମ୍ବା
କାମ ସାଗର ବୋଲି ତ ଅକାଦ ମହାଜଳ
କାହାକଇଂ ଦୃଶ୍ୟ ନାହିଂ ଯେ ତହିଂର ଥଳକୂଳ ।"
(ଆଦିପର୍ବ)

ସାରଳାଙ୍କ ଚରିତ୍ର ସମୂହ ଜୀବନଧର୍ମୀ । ପ୍ରତ୍ୟେକ ମଣିଷ ରକ୍ତମାଂସର ମଣିଷ । ଯେତେ ବଡ଼ ହେଲେ ମଧ୍ୟ କେହି ଧୂଳିମାଟିର ପୃଥିବୀର ଉର୍ଦ୍ଧ୍ୱକୁ ଉଠିପାରିନ୍ତି ନାହିଁ, କେହି ମାନବୀୟ ପ୍ରବୃତ୍ତି ଓ ମାନବୀୟ ଦୋଷଦୁର୍ବଳତାରୁ ମୁକ୍ତ ନୁହନ୍ତି । ଚରିତ୍ରଗୁଡ଼ିକୁ କଳ୍ପନାମୟ ନ କରି ଯଥାସମ୍ଭବ ବାସ୍ତବ କରାଯାଇଛି । ମୂଳ ସଂସ୍କୃତ ମହାଭାରତରେ ଧର୍ମୀୟ ଚେତନା ଗୁରୁତ୍ୱ ଲାଭ କରିଥିବାବେଳେ ସାରଳା ମହାଭାରତରେ ବାସ୍ତବାନୁଭବର ପରିପ୍ରକାଶ ଗୁରୁତ୍ୱ ଲାଭ କରିଛି । ଯେଉଁଠାରେ ଦୈବୀ ଚରିତ୍ର ସମୂହ ଅବାସ୍ତବ ମନେ ହୋଇଛନ୍ତି, ସାରଳା ଦାସ ସେମାନଙ୍କୁ ବାସ୍ତବତାର ପରିପ୍ରେକ୍ଷୀରେ ପରିବର୍ତ୍ତିତ କରି ଦେଇଛନ୍ତି । ମୂଳ କାହାଣୀ ସହିତ ବହୁ ସମୟରେ ନିଜ ସୃଷ୍ଟ ଉପକାହାଣୀ ସଂଯୋଜିତ ହୋଇଛି । ତାଙ୍କର ଗଙ୍ଗା ଶାନ୍ତନୁ ଉପାଖ୍ୟାନ, ସତ୍ୟାମ୍ର ଉପାଖ୍ୟାନ ଏବଂ ଦୁର୍ଯ୍ୟୋଧନଙ୍କ ମୃତ୍ୟୁବରଣ ପ୍ରସଙ୍ଗ ଯଥୋଚିତ ବାସ୍ତବ, ମନସ୍ତତ୍ତ୍ୱସମ୍ମତ ଓ ମାନବୀୟ । ସତ୍ୟ ଆମ୍ର ପ୍ରସଙ୍ଗଟି ଏହିପରି - ଅଦିନରେ ସତ୍ୟଯୁଗର ଫଳ ଆମ୍ବ ଫଳାଇବା ଉଦ୍ଦେଶ୍ୟରେ ଜୀବନର ସମସ୍ତ ଏକାନ୍ତ

ଗୋପନୀୟ ବିଷୟକୁ ପ୍ରକାଶ କରିବାପାଇଁ ଶ୍ରୀକୃଷ୍ଣ ଧର୍ମସଂକଟଗ୍ରସ୍ତ ପଞ୍ଚୁପାଣ୍ଡବ ଓ ଦ୍ରୌପଦୀଙ୍କୁ ଉପଦେଶ ଦେଇଛନ୍ତି । ସମସ୍ତେ ସତ୍ୟ ପ୍ରକାଶ କରିବା ପରେ ପୋତା ହୋଇଥିବା ଆମ୍ବ ଟାକୁଆରୁ ଗଛ ହୋଇ, ଶାଖାପ୍ରଶାଖା ମେଲାଇ ଫଳ ଫଳିଛି । କିନ୍ତୁ ଆମ୍ବଟି ପାଚି ଖାଦ୍ୟ ଉପଯୋଗୀ ହୋଇନାହିଁ । ଏହା ଦେଖି ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି-

"କହ କହ ଦ୍ରୌପଦୀ ଗୋ କହ ସତ୍ୟ କଥା
ସ୍ତ୍ରୀଙ୍କ ଚରିତ୍ରେ ଥାଏ ବହୁତର ମିଥ୍ୟା ।"

ଦ୍ରୌପଦୀ ଶେଷରେ ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି ଯେ ତାଙ୍କର ପାଞ୍ଚଜଣ ସୁନ୍ଦର ସୁପୁରୁଷ ସ୍ୱାମୀ ଥିବା ସତ୍ତ୍ୱେ କର୍ଣ୍ଣଙ୍କ ପ୍ରତି ତାଙ୍କ ମନରେ ଦୁର୍ବଳତା ରହିଛି । ନାରୀ ମନର ସଂଗୁପ୍ତ ଭାବନାଟି ପ୍ରକାଶ ପାଇଯାଇଛି ଏହିପରି –

"ଯଦ୍ୟପି ମୋହର ପତି ଛନ୍ତି ପାଞ୍ଚଜଣ
କର୍ଣ୍ଣ ସୌନ୍ଦର୍ଯ୍ୟରେ ମୋର ଭୁଲିଯାଏ ମନ ।"(ବିରାଟ ପର୍ବ)

ପ୍ରତ୍ୟେକ ନାରୀ ଓ ପୁରୁଷ ମନର ଏହିପରି ସଂଗୁପ୍ତ ଭାବନା ହିଁ ଆଧୁନିକ ବିଚାରରେ ମନସ୍ତାତ୍ତ୍ୱିକ । ଶାନ୍ତନୁ-ଗଂଗା ବିବାହ ପ୍ରସଙ୍ଗଟି ମଧ୍ୟ ମନସ୍ତାତ୍ତ୍ୱିକ । ତତ୍କାଳୀନ ସମାଜରେ ପ୍ରଚଳିତ ବୃଦ୍ଧ ସହ ଯୁବତୀ କନ୍ୟାର ବିବାହଜନିତ ପରିସ୍ଥିତିଟି ଏଠାରେ ଆଭାସିତ । ଯୁବତୀ କନ୍ୟାଟି ଚାହେଁ ତା'ର ଉପଯୁକ୍ତ ପସନ୍ଦଯୋଗ୍ୟ ଯୁବକକୁ ବିବାହ କରିବାକୁ । କିନ୍ତୁ ତାହା ଯଦି କାହାର ପ୍ରତାରଣା ଯୋଗୁଁ ବିଡ଼ମ୍ବିତ ହୁଏ, ତେବେ ସେ ପ୍ରଚଣ୍ଡ ହୋଇଉଠେ । ମନର ମିଳନ ନ ଥିଲେ ଦାମ୍ପତ୍ୟ ଜୀବନ କିପରି ଅଶାନ୍ତ ହୋଇଥାଏ, ତା'ର ଏକ ଜୀବନ୍ତ ଚିତ୍ର ସାରଳା ମହାଭାରତରେ ସୃଷ୍ଟ ଏହି ଉପାଖ୍ୟାନଟିରେ ଉପସ୍ଥାପିତ । ଶାନ୍ତନୁଙ୍କ ପ୍ରତାରଣାରେ ଶିକାର ହୋଇ ଗଂଗା କିପରି ଭୟଙ୍କର ପ୍ରତିଶୋଧପରାୟଣା ହୋଇଉଠିଛନ୍ତି ଏବଂ ଶାନ୍ତନୁଙ୍କୁ ନିର୍ଯ୍ୟାତନା ଦେବାରେ ଲାଗିଛନ୍ତି, ତା'ର ଏକ ହାସ୍ୟୋଦ୍ଦୀପକ ବ୍ୟଙ୍ଗାତ୍ମକ ଚିତ୍ର ଏଠାରେ ଲକ୍ଷଣୀୟ ।

"କପାଳ ଆଉଁଶି କ୍ଷଣେ ଚରଣ ମଞ୍ଚାଳି
ଗାଢ଼େଣ ଧରି ମୁନି କରନ୍ତି ହାତେ କେଳି ।
ଗାଢ଼େଣ ଯେତେବେଳେ ଧରନ୍ତି ତପୋବନ୍ତ
କେଶଧରି ମୁନିଙ୍କି ସେ ମାଡ଼ ମାରଇ ବହୁତ ।
ମାଥେଣ ମୁଥ ମାରି ପାଦେଶ ପ୍ରହାରଇ
ନଖଦନ୍ତ ଘାତେ ଶରୀର ବିଦାରଇ ।
ଋଷିଙ୍କର ବସନମାନ ଖଣ୍ଡି ଖଣ୍ଡି କରି ପକାଇଲା ଚିରି
ମାଳି ପୋଥି ବେଦ କରାଣ୍ଡି ବାମ୍ଫିରେ ପକାଇଲା ଲୋଚି କରି ।
ଯେମନ୍ତେ ଅନେକ ଅବସ୍ଥା ମୁନିଙ୍କି ଦେଲେ ଦେବୀ ଗଙ୍ଗା
ଦୁର୍ଦ୍ଧ୍ୱଂସ ବୃଦ୍ଧ କହି ଗାଳି ଦିଅଇ ଉର ଭଙ୍ଗା ।"
(ଆଦିପର୍ବ)

ସାରଳାଙ୍କ ସୃଷ୍ଟିରେ ଦୁଷ୍ଟ ଚରିତ୍ର ସମୂହ ନିଜର ଦୁଷ୍କୃତିକୁ ନେଇ ଅନୁତାପ କରିଛନ୍ତି । ଶକୁନି ସହଦେବ ଓ ଶ୍ରୀକୃଷ୍ଣଙ୍କ ଆଗରେ ସ୍ୱୀକାର କରିଛନ୍ତି ଯେ କେବଳ ପ୍ରତିଶୋଧ କାମନାରେ ହିଁ ସେ ଦୁର୍ଯ୍ୟୋଧନ ଓ କୌରବମାନଙ୍କ ସହିତ ଏକ ଛଳନାମୟ ଜୀବନ ବିତାଇବାକୁ ବାଧ୍ୟ ହୋଇଛନ୍ତି । ଅଥଚ ମଣିଷ ପ୍ରତି ଛଳନା ଓ ପ୍ରତାରଣାଠାରୁ ବଳି ଆଉ ଜଘନ୍ୟ କର୍ମ କିଛି ନାହିଁ । ଏଥିପାଇଁ ସେ ଘୋର ଦୁଃଖ ପ୍ରକାଶ କରିଛନ୍ତି । ମହାଭାରତର ଅନ୍ତିମ ପର୍ଯ୍ୟାୟରେ ମହାଘୋର ଶ୍ମଶାନରେ ଉରୁଭଂଗ ଅବସ୍ଥାରେ ଦୁର୍ଯ୍ୟୋଧନକୁ ଦ୍ରୌପଦୀଙ୍କ ପାଞ୍ଚଶିଶୁପୁତ୍ରଙ୍କ କଟାମୁଣ୍ଡ ଭେଟି ଦେଇଛନ୍ତି ଅଶ୍ୱତ୍ଥାମା । ତାହା ଦେଖି ଦୁର୍ଯ୍ୟୋଧନ ଗଭୀର ଦୁଃଖାଭିଭୂତ ହୋଇ ନିଜକୁ ଧିକ୍କାର କରିଛନ୍ତି । ନିଜକୁ ଦୁଷ୍କୃତି ଯୋଗୁଁ ତାଙ୍କର ବଂଶ ନିର୍ମୂଳ ହୋଇଯାଇଚି । ସଖା, ସହୋଦର, ସୈନ୍ୟସାମନ୍ତଙ୍କ ସହିତ ଅସଂଖ୍ୟ ପ୍ରଜା ଧ୍ୱସ୍ତ ହୋଇଛନ୍ତି ଆଜି ତାଙ୍କ ବଂଶର ଭବିଷ୍ୟତ ଉତ୍ତରାଧିକାରୀଙ୍କ ନିଧନରେ କୁଳର ଅଂକୁର ବିଲୋପ ଘଟିଲା । ଏହା କହି ପ୍ରବଳ ଭାବେ ଶୋକାକୁଳ ହୋଇପଡ଼ିଛନ୍ତି । ଏହିପରି ଅବସ୍ଥାରେ ତାଙ୍କର ପ୍ରାଣ ବିସର୍ଜିତ ହୋଇଛି ।

"ପାଞ୍ଚଗୋଟି ମୁଣ୍ଡ କୋଳେ ଧରି ଧାର୍ତ୍ତରାଷ୍ଟ୍ର
ପ୍ରାଣ ବିସର୍ଜନ କଲା ମୂର୍ଦ୍ଧା ଗଲା ଫାଟି ।"

ଏଠାରେ ମାନବିକତାହୀନ ଦୁଷ୍ଟ ଦୁର୍ଯ୍ୟୋଧନ ଚରିତ୍ରର ଏକ କରୁଣ କୋମଳ ଦିଗ ପ୍ରଦର୍ଶିତ । ମହାଭାରତର ଏଇ ଘୋର ବିଷାଦମୟ ଚିତ୍ରଟି ସାରଳା ଦାସଙ୍କ ଅନନ୍ୟ ସିଦ୍ଧିର ସ୍ୱାକ୍ଷର ବହନ କରେ ।

ମହାଭାରତରେ ପ୍ରଦତ୍ତ ବହୁବିଧ ବୃକ୍ଷଲତା, ପଶୁପକ୍ଷୀ, ଅସ୍ତ୍ରଶସ୍ତ୍ର, ଯୁଦ୍ଧବାଦ୍ୟ, ପୋଷାକ, ଅଳଂକାର, ଖାଦ୍ୟସାମଗ୍ରୀ ଆଦିର ବିବରଣୀ ବଡ଼ ବୈଚିତ୍ର୍ୟପୂର୍ଣ୍ଣ । ଏ ସମସ୍ତ ଓଡ଼ିଶାର ଏକ ଗୌରବମୟ ଅତୀତକୁ ସ୍ମରଣ କରାଏ । ଯୁଧିଷ୍ଠିରଙ୍କ ଶାସନ ବ୍ୟବସ୍ଥା ସମ୍ପର୍କିତ ବର୍ଣ୍ଣନାରେ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ପ୍ରଚଳିତ ଶାସନ ବ୍ୟବସ୍ଥା ଓ ଭୂରାଜସ୍ୱ ନୀତିର ସ୍ପଷ୍ଟ ଆଭାସ ମିଳେ ।

ସାରଳାଦାସଙ୍କ ନବଗୁଞ୍ଜରର ପ୍ରତୀକ କଳ୍ପନା କେବଳ ଭାରତୀୟ ସାହିତ୍ୟରେ ନୁହେଁ, ବିଶ୍ୱ ସାହିତ୍ୟରେ ମଧ୍ୟ ଅନନ୍ୟ । ଭଗବାନ ବିଶ୍ୱାତ୍ମା ଜୀବଜଗତକୁ ଆପଣା ଶରୀରେ ଧାରଣ କରିଛନ୍ତି । ଜୀବସୃଷ୍ଟିର ସାମଗ୍ରିକ ରୂପ ହିଁ ଭଗବାନ । ଜୀବଜଗତ ସହିତ ଉଦ୍ଭିଦ ଜଗତର ସମନ୍ୱୟ ଦର୍ଶାଇବାକୁ ଯାଇ ଉଦ୍ଭିଦଜଗତର ପ୍ରତୀକ ଭାବେ ପଦ୍ମଫୁଲଟିଏ ଏହି ସମନ୍ୱିତ ବିଚିତ୍ର ପଶୁ ନବଗୁଞ୍ଜର ହାତରେ ଧରାଇ ଦିଆଯାଇଛି । କୃଷ୍ଣଙ୍କର ନବଗୁଞ୍ଜର ରୂପକଳ୍ପନା ସାରଳାଙ୍କ ମୌଳିକ ଚିନ୍ତା ପ୍ରସୂତ ।

"କୁକୁଡ଼ାର ମୁଣ୍ଡ ଗୋଟି ଅତିୟ ସୁନ୍ଦର ଦିଶଇ
ବୃଷଭ ଚୂଳ ଯେ ମୟୂରର କଣ୍ଠ ବିରାଜଇ ।
ଅହିବର ପୁଚ୍ଛା ମଖା ସିଙ୍ଘକଟି ପ୍ରାୟେ
ବ୍ୟାଘ୍ରର ଚରଣ ଗୋଟି ଅତୀୟ ଶୋଭାପାୟେ ।
ତୁରଙ୍ଗ ଚରଣ ଯେ ଦିଶଇ ସୁନ୍ଦର
ଆବର ପାଦ ଗୋଟି ଅଟଇ କରୀବର ।
ଆଗପାଦ ଗୋଟି ମୁନଷ୍ୟର କର ଯେ ଅଟଇ
ସେ କରେ ପଦ୍ମପୁଷ୍ପ ଗୋଟିୟେକ ଘେନିଲେ ଭାବଗ୍ରାହୀ ।"
(ମଧ୍ୟପର୍ବ)

ସାରଳା ଦାସଙ୍କ ଚରିତ୍ର ଚିତ୍ରଣ ସଂସ୍କୃତ ମହାଭାରତ କିମ୍ବା ଅନ୍ୟାନ୍ୟ ଆଞ୍ଚଳିକ ମହାଭାରତର ଚରିତ୍ର ଚିତ୍ରଣଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତାଙ୍କର ଯୁଧିଷ୍ଠିର

ଜଣେ ପୌରୁଷହୀନ, ପରାଙ୍ଗପୁଷ୍ଟ ବ୍ୟକ୍ତି, ଯେ ହୃଦୟହୀନତା ଓ ଛଦ୍ମତାର ଆବରଣ ଭିତରେ ରହି ନିଜକୁ ଧର୍ମରାଜ ବୋଲାଏ । ନିଷ୍ଠୁର ପ୍ରତାରଣା, ଭଣ୍ଡାମି ଓ ମିଥ୍ୟାଚାରର ପ୍ରତୀକ ଯୁଧିଷ୍ଠିର ଜଣେ ସଂପୂର୍ଣ୍ଣ ସ୍ୱାର୍ଥସର୍ବସ୍ୱ ବ୍ୟକ୍ତି । ସ୍ୱାର୍ଥପାଇଁ ସେ ଭାଇମାନଙ୍କର ଜୀବନ, ହୃଦୟବୃତ୍ତି, ମାନସିକତା, ସମ୍ମାନ ଓ ଗୌରବକୁ ସାମାନ୍ୟ ମୂଲ୍ୟ ଦେଇନାହାନ୍ତି । ମହାଭାରତର ମୂଳରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ଘଟଣାରେ ବିଶେଷତଃ ଦ୍ରୌପଦୀ ବସ୍ତ୍ରହରଣ ସମୟରେ ସେ ଚରମ ଅବିବେକତା, ନପୁଂସକତା ଓ ସ୍ୱାର୍ଥପରତାର ପରିଚୟ ଦେଇଛନ୍ତି । ନିବାର୍ଯ୍ୟ ଯୁଧିଷ୍ଠିରଙ୍କ ନିର୍ଦ୍ଦେଶରେ ତାଙ୍କର ମହାବୀର ଭାଇମାନେ ପ୍ରିୟତମା ପତ୍ନୀର ଚରମ ନିର୍ଯ୍ୟାତନାବେଳେ ନୀରବ ରହିବାକୁ ବାଧ ହୋଇଛନ୍ତି । ଚରମ ଅପମାନ ସତ୍ତ୍ୱେ କୌଣସି ପ୍ରତିକ୍ରିୟା ପ୍ରଦର୍ଶନ କରିପାରିନାହାନ୍ତି । ଏପରି ଅପମାନ ସହ୍ୟ କରିବା ଅପେକ୍ଷା ରାମ ମୃତ୍ୟୁକୁ ଶ୍ରେୟସ୍କର ମନେ କରିଛନ୍ତି । ଭୀମଙ୍କର ଯୁଧିଷ୍ଠିରଙ୍କ ପ୍ରତି ଆକ୍ଷେପୋକ୍ତି ସ୍ୱାଭାବିକ ଓ ଜୀବନ୍ତ ।

"ଯୁଧିଷ୍ଠିରଙ୍କ ବଦନ ଭୀବ ଚାହିଁଇ ନିରୋପି
କିମ୍ପେ ମଉନ ହୋଇ ସ୍ୱାମୀ ଆଗ୍ୟାଂ କି ପାରି
ବଜବୀର୍ଯ ଥାଉଂ କିଂପେ ଦ୍ୱନ୍ଦ ତୁଂ ଅପସରି ।
ଅତି ହିଁ ଧର୍ମପଣେ ସ୍ୱାମୀ ବୁଡ଼ାଇଲୁ ରାଜ୍ୟ
ସଂହାଥେଣ ପଣାଖେଳି ହରାଇଲୁ ଅଇଶ୍ୱର୍ଯ୍ୟ ।
ଆବର ଜୀବନେ ଆମ୍ଭର ପ୍ରୟୋଜନ କିସ
ଅବଶ୍ୟ ମଣିବୁ ଆମ୍ଭେ ଖାଇ କାଳକଟୁ ବିଷ ।
ଛତ୍ରୀ କୁଳେ ଜାତ ହୋଇ ଏ ଅଟଇ ମହାପାପୀ
ଅନୁପ୍ରବେଶ ଅଣକୋପିତ ଏ ଅଟଇ ଅଦ୍ୟପି ।"(ସଭାପର୍ବ)

ସାରଳାଙ୍କ ଲେଖନୀରେ ଯୁଧିଷ୍ଠିରଙ୍କ ଚରମ ନିଷ୍ଠୁରତା ପ୍ରକାଶ ପାଇଛି ସ୍ୱର୍ଗାରୋହଣ ସମୟରେ । ପ୍ରିୟବତୀ ଭାର୍ଯ୍ୟା ଓ ପ୍ରିୟତମ ଭାଇମାନେ ଜଣକ ପରେ ଜଣେ ମୃତ୍ୟୁବରଣ କଲାବେଳେ ଯୁଧିଷ୍ଠିର ଆଉ ପଛକୁ ଫେରି ଚାହିଁନାହାନ୍ତି । ଭୀମସେନଙ୍କ ବିକଳ ଅନୁରୋଧ ତାଙ୍କର କର୍ଣ୍ଣ ଗହ୍ୱରରେ ପ୍ରବେଶ କରିପାରିନାହିଁ । ଯେଉଁ ଭାଇମାନେ ତାଙ୍କୁ ରାଜ ଚକ୍ରବର୍ତ୍ତୀ କରାଇଥିଲେ, ସେମାନଙ୍କର ପ୍ରୟୋଜନ ଶେଷ ହୋଇଯାଇଛି । ହିମାଳୟର ହିମଶୀତଳ ମୃତ୍ୟୁଶଯ୍ୟାରେ ସେମାନଙ୍କୁ ଶେଷଥରପାଇଁ ଦେଖିଯିବା ଲାଗି ବି ତାଙ୍କର ସମୟ ନାହିଁ । ସ୍ୱାର୍ଥ ପାଇଁ ମନୁଷ୍ୟ କେବେ ନିଷ୍ଠୁର ହୋଇପାରେ, ସ୍ୱର୍ଗାରୋହଣ ପ୍ରସଙ୍ଗରେ ତା'ର ଏକ ଜ୍ୱଳନ୍ତ ଚିତ୍ର ଉପସ୍ଥାପିତ ।

ଭୀମ ଚରିତ୍ର ଚିତ୍ରଣରେ ସାରଳା ଦାସ ହୃଦୟର ସମସ୍ତ ଅନୁରାଗ ଢାଳି ଦେଇଛନ୍ତି । ଗଭୀର ମମତ୍ୱବୋଧ ଓ ବିମଳ ସ୍ନେହଶ୍ରଦ୍ଧାର ଏକ ଜୀବନ୍ତ ପ୍ରତିମୂର୍ତ୍ତି ଭାବେ ଭୀମ ଚରିତ୍ରଟି ରୂପାୟିତ । ଭୀମ ବିଭିନ୍ନ ସମୟରେ ମା' ଭାଇ ଏବଂ ପତ୍ନୀଙ୍କ ପ୍ରତି ଅସାଧାରଣ ମମତା ଓ ତ୍ୟାଗ ପ୍ରଦର୍ଶନ କରିଛନ୍ତି । ଜଳପ୍ରଭା କୁମ୍ଭୀର ମୁହଁରେ ତାଙ୍କୁ ଦେଇଦେବା ଲାଗି ଯୁଧିଷ୍ଠିର ଓ କୁନ୍ତୀ ମନ୍ତ୍ରଣା କରୁଥିବା ଦେଖି ସରଳ ହୃଦୟ ଭୀମ ପ୍ରଚଣ୍ଡ ଅଭିମାନରେ ନଦୀଗର୍ଭକୁ ଡେଇଁ ପଡ଼ିଛନ୍ତି । ଜଳପ୍ରଭା ମୁଖରେ ଭୀମକୁ ଛାଡ଼ିଦେବା ପରେ ବାଧାମୁକ୍ତ ହୋଇ ଚାରିଭାଇ ଓ କୁନ୍ତୀ ନୌକାରୁ ଓହ୍ଲାଇ ବନପଥରେ ଚାଲିଛନ୍ତି । ଏ ଭିତରେ ଭୀମ ଜଳପ୍ରଭାକୁ ହତ୍ୟା କରି ଦୌଡ଼ି ଦୌଡ଼ି ଯାଇ ମା' ଓ ଭାଇମାନଙ୍କ ପାଖରେ ପହଞ୍ଚିଛନ୍ତି । ପଥଶ୍ରାନ୍ତ ମାଆଙ୍କୁ ମୁଣ୍ଡ ଉପରେ ଯୁଧିଷ୍ଠିର ଓ ଅର୍ଜୁନଙ୍କୁ ଦୁଇ କାନ୍ଧରେ ଓ ସାନଭାଇ ଦୁଇଜଣଙ୍କୁ ଦୁଇ କାଖରେ ଧରି ପବନ ବେଗରେ ଦୌଡ଼ି ଚାଲିଛନ୍ତି, ଯେପରିକି ଦୁର୍ଯ୍ୟୋଧନର ଲୋକମାନେ ସେମାନଙ୍କର ସନ୍ଧାନ ପାଇବେ ନାହିଁ । ମା' ଓ ବଡ଼ଭାଇ ଘୋର ନିଷ୍ଠୁରତା ପ୍ରଦର୍ଶନ କରିଥିବା ସତ୍ତ୍ୱେ ଭୀମ ଯେଉଁ କର୍ତ୍ତବ୍ୟବୋଧ, ମାତୃପ୍ରୀତି ଓ ଭ୍ରାତୃପ୍ରୀତି ପ୍ରଦର୍ଶନ କରିଛନ୍ତି, ତାହା ଅସାଧାରଣ । ଏହାର ପରବର୍ତ୍ତୀ ଘଟଣାର ଭୀମଙ୍କ ହୃଦୟବତ୍ତା ଆହୁରି ଉଜ୍ଜ୍ୱଳ ବର୍ଣ୍ଣରେ ଚିତ୍ରିତ । ପାଣ୍ଡବମାନେ ହିଡ଼ିମ୍ବିକ ବନରେ ପ୍ରବେଶ କରି ନାନାବିଧି ସୁମଧୁର ଫଳ ଭୋଜନ କଲେ । ତା'ପରେ ପଥଶ୍ରାନ୍ତି ଦୂର କରିବାକୁ ଚାରିଭାଇ ଓ ମାତା କୁନ୍ତୀ କାଶୀ ନଦୀ କୂଳରେ କୁଶ ଓ ଶାଳପତ୍ର ଶଯ୍ୟାରେ ଶୋଇଲେ । ଭୀମସେନ ନିଜେ ନ ଶୋଇ ସେମାନଙ୍କର ମୁଣ୍ଡ ପାଖରେ ବସି କୌଣସି ବିପ୍ୱାତ ଉପୁଜିବା ଆଶଙ୍କାରେ ଜଗି ରହିଲେ । ନିଦ୍ରିତ ସହୋଦର ଓ ମାତାଙ୍କର ଏ ଦୟନୀୟ ଅବସ୍ଥା ଦେଖି ଭୀମସେନ ଗଭୀର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ପ୍ରତ୍ୟେକଙ୍କର ମୁହଁକୁ ଚାହିଁ ସେମାନଙ୍କ ଦୁର୍ଲ୍ଲଭ ଗୁଣରାଜି ତଥା ପୂର୍ବାବସ୍ଥାକୁ ସ୍ମରଣ କରି ଗଭୀର ସହାନୁଭୂତି ପ୍ରବଣ ହୋଇପଡ଼ିଛନ୍ତି । କୁନ୍ତିଙ୍କ ମୁହଁକୁ ଚାହି ଭାବୁଛନ୍ତି – "ତୁ ଦିନେ ଥିଲୁ କେନ୍ତାଭୋଜ ରାଜାର ଦୁଲଣୀ, ଆଜି କିନ୍ତୁ ଦୀନାହୀନା ଅରକ୍ଷଣୀୟା । ଆମପରି ଅଧମ ପୁତ୍ରମାନଙ୍କୁ ଜନ୍ମ କରିଥିବାରୁ ସିନା ତେର ଏ ଦୁର୍ଭୋଗ, ଏ ଶାସ୍ତି । ଆମ ପରି ପୁତ୍ରମାନଙ୍କର ବଞ୍ଚି ରହିବା ଧିକ୍ । ଧିକ୍ ଆମର କ୍ଷତ୍ରିପଣ । ବଳ ଦର୍ବ ଥାଉଁ ଥାଉଁ ଆମେ ଦୀନବଳ ପରି ଆଚରଣ କରୁଛୁ ।" ଯୁଧିଷ୍ଠିରଙ୍କ ମୁହଁକୁ ଚାହିଁ ଭାବୁଛନ୍ତି- "ଯେ ପ୍ରତ୍ୟକ୍ଷ ନିରଂଜନ, ନାରାୟଣ ଯାହା ପାଦ ବନ୍ଦନା କରନ୍ତି, ଯେ ଅଜାତଶତ୍ରୁ, ସେ କଡ଼ ଲେଉଟାଇଲେ ନବ ସୃଷ୍ଟି ଲେଉଟେ, ଯେ ଦିବ୍ୟ ସୁପାତି ଶଯ୍ୟାରେ ଶୁଏ, ତାକୁ ପୁଣି ଏ ଭୂମିଶଯ୍ୟାରେ କେମିତି ନିଦ ମାଡ଼ିଲା?" ଅର୍ଜୁନ ମୁହଁକୁ ଚାହିଁ ଭାବୁଛନ୍ତି- "ଯେଉଁ ବାସବପୁତ୍ର ଶ୍ରୀକୃଷ୍ଣଙ୍କଠାରୁ ଅଭିନ୍ନ, ଶ୍ରୀକୃଷ୍ଣ ଯାହାକୁ କୋଳରେ ବସାଇ ଦୁତୀକୃଷ୍ଣ ନାକ ଦେଇଛନ୍ତି, ଏ ମହୀମଣ୍ଡଳରେ ଯାହାର ସମକକ୍ଷ ବଳବନ୍ତ କ୍ଷତ୍ରିୟ ନାହାନ୍ତି, ଯେ ତ୍ରିଭୁବନ ବିଜୟୀ, ସୁରବର ସୁନ୍ଦର, ସେ ପୁଣି କାହା ଭୟରେ ଏ ଶାସ୍ତି ଭୋଗୁଛି? ଯୁଧିଷ୍ଠିରଙ୍କ କୃତ୍ୟ ଯୋଗୁଁ ସିନା ଆମ୍ଭମାନଙ୍କର ଏକ ଦୁର୍ଗତି ।" ନକୁଳ ମୁହଁକୁ ଚାହିଁ ବିକଳ ହୋଇ କହୁଛନ୍ତି- "ତୁ ଅତି ସୁକୁମାର, ପୂର୍ଣ୍ଣମୀର ଚନ୍ଦ୍ର ପରି ତୋର ବଦନ ବିକଶିତ, ମାଛି ଗୋଟିଏ ଦେହରେ ବସିଲେ ଶତପଳ ଚନ୍ଦନ ବୋଳି ହେଉଥିଲୁ, ବେଲୁରି ତୁଳି ଉପରେ ନେତର ସୁପାତି ପକାଇ ପୁଷ୍ପ ପାଖୁଡ଼ା ସହିତ କର୍ପୂର ଗୁଣ୍ଡ ସିଞ୍ଚାଡ଼ି ଶୋଉଥିଲୁ, ଅଥଚ ତୋତେ ନିଦ ଆସୁନଥିଲା, ଆଜି କେମିତି ଶାଳପତ୍ର ଶଯ୍ୟାରେ ନିଦ୍ରା ଯାଇଛୁ?" ସହଦେବଙ୍କ ମୁହଁକୁ ଚାହିଁ କହୁଛନ୍ତି – "ରେ ମନ୍ତ୍ରୀ ଚୂଡ଼ାମଣି ସହଦେବ, ହାତକୁ ଚାହିଁଲେ ତୁ ଚତୁର୍ଦ୍ଦଶ ଭୁବନର ଭୁତ ଭବିଷ୍ୟତ ବାର୍ତ୍ତା କହିପାରୁ, ଆମ ସାଙ୍ଗରେ ରହି ସିନା ଏ ଦୁଃଖ ପାଇଲୁ? ତୋର ଏ କଷ୍ଟ ଦେଖିବା ଅପେକ୍ଷା ମୋର ଆଖି ଦୁଇଟା କାହିଁକି ପୋଡ଼ି ନ ଗଲା ।" ପୁଣି ଯୁଧିଷ୍ଠିରଙ୍କ ଉଦ୍ଦେଶ୍ୟରେ ନିଜର ଅନୁଶୋଚନା ପ୍ରକାଶ କରିଛନ୍ତି –

"କାହାକୁ ଭୟେ ଆମ୍ଭର ଅଛଇଂ ତ୍ରିୟଲୋକେ
କୁରୁବଳଯାକ ସବୁନ୍ତି ମାରି ପାରଇଁ ମୁଁ ଯେକେ ।
ବଚନ ଦରିଦ୍ର ହୋଇ ତୁ ନାଶଗଲୁ ସ୍ୱାମୀ
ସଂପଦ ଥାଉ କିମ୍ପେ ବିପଦେଶ ଭ୍ରମି ।"

ଭ୍ରାତୃପ୍ରେମ ଓ ମାତୃପ୍ରୀତିର ଏପରି ଅପୂର୍ବ ନିଦର୍ଶନ କେଉଁ ସାହିତ୍ୟରେ ପରିଦୃଷ୍ଟ? ଭୀମସେନଙ୍କ ହିଂସ୍ର କଠୋରତାର ଅନ୍ତରାଳରେ ଯେଉଁ କୋମଳ ଅନୁରାଗର ନିର୍ଝରଟିଏ ପ୍ରବାହିତ, ତା'ର କେବଳ ସଂଧାନ କରିପାରନ୍ତି ସାରଳା ଦାସଙ୍କ ପରି ଯୁଗଜୟୀ କାବ୍ୟପୁରୁଷ । ଭୀବସେନ ଚରିତ୍ରର ଏହି ଉପସ୍ଥାପନା ଏକାନ୍ତ ଅଭିନବ ଓ ଆଧୁନିକତାଧର୍ମୀ ।

ଏଇ ଭୀମସେନଙ୍କୁ ଜଣେ ପ୍ରଚଣ୍ଡ ପ୍ରତାପୀ ମହାତେଜସ୍ୱୀ ବୀରରୂପେ ଆମେ ମହାଭାରତର ଅନେକ ଯୁଦ୍ଧରେ ଦେଖିଥାଉଁ । ଯୁଦ୍ଧଭୂମିରେ ଭୀମସେନଙ୍କ କରାଳ ମୂର୍ତ୍ତିର ବର୍ଣ୍ଣନା ବଡ଼ଭୀତି ସଂଚରଣକାରୀ । ଶୃଙ୍ଗାର, ହାସ୍ୟ, କରୁଣ, ଭୟାନକ, ବୀଭତ୍ସ, ଶାନ୍ତ ଆଦି ରସଗୁଡ଼ିକର ପରିବେଷଣ ପରି ଏଠାରେ ରୌଦ୍ର ରସର ପରିବେଷଣରେ ମଧ୍ୟ ସାରଳା ଦାସଙ୍କ ଅସାଧାରଣ ନୈପୁଣ୍ୟ ପ୍ରଦର୍ଶିତ । ଦୁର୍ଯ୍ୟୋଧନ ସମେତ କୌରବ ଶହେ ଭାଇଙ୍କର ଚତୁର୍ଦ୍ଦିଗରୁ ଆକ୍ରମଣବେଳେ ଭୀମଙ୍କର ରକ୍ତ ଜର୍ଜରିତ କିଂଶୁକ ପୁଷ୍ପ ପ୍ରାୟ କ୍ରୋଧମୂର୍ତ୍ତିର ବର୍ଣ୍ଣନା ଏହିପରି –

"ଗହଳ ସମର ଦେଖି କୋପେ କାଳେବର
ଧାମଇ ରଣରଂଗେ ପାଣ୍ଡବ ସୁନ୍ଦର ।
ଅନ୍ତରାଳ ଚୟନ ଯେ ବଦନ ବିକଟା
ଭଇରୋବ ମୂର୍ତ୍ତି ସେ କଂକାଳ ରୁଦ୍ରପେଟା ।
ବିହଡ଼ ଦାନ୍ତ କରାଳ ବିକଟ ବିକରାଳ
ଖାଂକର କେଶ ନୟନ ଭ୍ରମଇ ଅନ୍ତରାଳ ।
ବେନି ଭୁଜେ ଦରାଣ୍ଡି ଧଇଲା ଗଜ ବେନି
ଅନ୍ତରୀଛେ ବୁଲାଇଲା ଉଦ୍ଧ୍ୱର୍ବାହୁ ଘେନି ।
ଘୋର ରଡ଼ି ଶବଦ କରି ଭୀମସେନ ଉଠି
ଭାଜିଲେ କଉରୋବ ବଳ ଅନ୍ତରାଳ ଦୃଷ୍ଟି ।"

ସ୍ୱର୍ଗାରୋହଣ ପର୍ବରେ ଭୀମସେନଙ୍କର ଗଭୀର ହୃଦୟବତ୍ତା ଓ ଉଦାର ମାନସିକତାର ଚିତ୍ର ବଡ଼ ହୃଦୟସ୍ପର୍ଶୀ । ଦ୍ରୌପଦୀ ଏବଂ ଅର୍ଜୁନ, ନକୁଳ, ସହଦେବ ଯେତେବେଳେ ଜଣଜଣ କରି ଭୂପତିତ ହେଉଛନ୍ତି, ସେତେବେଳେ ଭୀମସେନ ସେମାନଙ୍କୁ କୋଳରେ ଧରି କାନ୍ଦିଛନ୍ତି, ସେମାନଙ୍କର ଗୁଣ ସ୍ମରଣ କରିଛନ୍ତି । ଯୁଧିଷ୍ଠିରଙ୍କୁ ବିକଳ ହୋଇ ବାରମ୍ବାର ଡାକିଛନ୍ତି ଥରେ ପଛକୁ ଫେରି ଚାହିଁବାକୁ । କିନ୍ତୁ ଯୁଧିଷ୍ଠିରଙ୍କ ନିଷ୍ଠୁର ହୃଦୟ ସାମାନ୍ୟ ତରଳିନାହିଁ । ପାପୀମାନଙ୍କୁ ଛାଡ଼ିଦେଇ ଚାଲିଆସ କହି ସେ ଆଗେଇ ଚାଲିଛନ୍ତି ସ୍ୱର୍ଗ ଲକ୍ଷ୍ୟରେ । ଏଥିରେ ଭୀମ ଗଭୀର ଆଘାତ ପାଇଛନ୍ତି –

"ଆମ୍ଭନ୍ତ ଛାଡ଼ିବାକୁ ଚୋର କେହ୍ନେ ବଳିଲା ସତ
କେବଣ ଦଇତ ହୋ ହରିଲା ତୁମ୍ଭ ଚିତ୍ତ ।"
(ସ୍ୱର୍ଗାରୋହଣ)

ଦ୍ରୌପଦୀଙ୍କ ଅବସାନ କାଳରେ ତାଙ୍କର ସୌନ୍ଦର୍ଯ୍ୟ ପ୍ରତି ଭୀମଙ୍କର ପ୍ରବଳ ଆକର୍ଷଣ ଓ କୋମଳ କବିତ୍ୱପୂର୍ଣ୍ଣ ଦୃଷ୍ଟି ସାରଳାଙ୍କ ଲେଖନୀରେ ବଡ଼ ଚମତ୍କାର ।

"ଭ୍ରୂଲତା ଶୋଭାବନ ଜାଣି ମଦନର ଚାପ
ଦେଖିଲେ ମନତ୍ରାସ କରଇ କନ୍ଦର୍ପ ।
ସ୍ୱାମୀ ନୀଳେନ୍ଦି ଦଳ ଜାଣି ଦିଶଇ ଯାର ଆଖି
ମୁନିଗଣ ଧ୍ୟାନ ଛାଡ଼ିବେ ଯାହାର ରୂପ ଦେଖି ।
ତାମ୍ବୁଳ ବିହୁନେ ଯେ ଅଧର ପଙ୍କୁ ବିମ୍ବୁ
ନାସାଫୁଲ ତିଳ ଜାଣି ମାଣିକ୍ୟ ଦନ୍ତ ସବୁ ।
କମ୍ବୁ ଜିଣି କରି ସ୍ୱାମୀ କଣ୍ଠ ଯାର ଶୋଭା
ବାହୁ ବେନି ମୃଣାଳ କି କଣୟର ପ୍ରଭା ।
ସୁବର୍ଣ୍ଣ କୁମ୍ଭ ଜାଣି ଯାହାର କୁଚ ଯୁଗଳ
ସିଙ୍ଘ ମଝା ଜାଣି ଯାର ହୃଦୟ ବୃଶାଳ ।
ଉଲଟ କଦଳୀ ଜାଣି ଦିଶଇ ବେନି ଜାନୁ
ଶରତ ଚନ୍ଦ୍ର ଜାଣି ଯାହାର ଦିଶଇ ତନୁ ।
ଚମ୍ପା କଢ଼ି ଜାଣିଣ ଯାହାର ଆଙ୍ଗୁଠି
କୁନ୍ଦ ପାଖୁଡ଼ା ଜାଣି ଦଶଲହ ଉକୁଟି ।
ସ୍ୱାମୀ ଚାଲନ୍ତେଣ ଶୋଭା ଯେ ମତ୍ତଗଜ ଠାଣି
ବଚନ ସୁଲଳିତ ଯେ ଅଣ୍ଡିର କୋକିଳ ବାଣୀ ।"

ଭୀମ ହିଁ ଏକମାତ୍ର ବ୍ୟକ୍ତି, ଯେ ଯୁଧିଷ୍ଠିରଙ୍କ ପୌରୁଷହୀନତା ଓ ଅବିବେକିତାର ସମାଲୋଚନା କରିପାରନ୍ତି । ଅଥଚ ଜ୍ୟେଷ୍ଠଭ୍ରାତାଙ୍କ ପ୍ରତି ତାଙ୍କର ଆନୁଗତ୍ୟର ଶେଷ ନାହିଁ । ଗୋଲକ ପୁତ୍ର ପ୍ରସଙ୍ଗରେ କପଟୀ ଧୃତରାଷ୍ଟ୍ରଙ୍କ ପ୍ରତି ଯୁଧିଷ୍ଠିରଙ୍କ ଅହେତୁକଳ ଭକ୍ତି ଦେଖି ସେ ବାରମ୍ବାର ଆକ୍ଷେପ କରିଛନ୍ତି । ଗୁରୁଜନ ବୋଲି ଧୃତରାଷ୍ଟ୍ରଙ୍କ ପରି ଜଣେ ସଦାଅମଙ୍ଗଳଚିନ୍ତକ, ଅହିତକାରୀ, କପଟୀ ଓ ଈର୍ଷୁକ ବ୍ୟକ୍ତିକୁ ଯାଇ ପ୍ରଣାମ କରିବା ଏବଂ ତା' ସହିତ ଅକାରଣେ ମାନସିକ ଯନ୍ତ୍ରଣା ବରଣ କରିବା ଉଚିତ ନୁହେଁ ବୋଲି ଭୀମ ବାରମ୍ବାର ଯୁଧିଷ୍ଠିରଙ୍କୁ ପ୍ରସ୍ତାବ ଦେଇଛନ୍ତି । କିନ୍ତୁ ଯୁଧିଷ୍ଠିର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି । ତାଙ୍କ ଯୋଗୁଁ ମହାଶକ୍ତିଧର ଭୀମଙ୍କ ପୌରୁଷ ବାରମ୍ବାର ଆହତ ହୋଇଛି । ସାରଳା ଲେଖନୀରେ ଭୀମଙ୍କ ଆକ୍ଷେପୋକ୍ତି –

"ଧୃତରାଷ୍ଟ୍ର ଯୁଧିଷ୍ଠିଂକ ହୋଇଲା କାଶୀଦେବତା
ତାହାଙ୍କ ଦ୍ରଶନ କଲେ ମୁଣୋହି କରଇ ନିତ୍ୟା ।
ସେ ଅନ୍ଧ ଆଗ୍ୟାଂ ପୁଣି ଦିଅଇ ଆମ୍ଭଙ୍କୁ
ଯତନେ ପଠିଆଇ ସଭାରେ ଆମ୍ଭଙ୍କୁ ଝିଙ୍ଘାସ କରିବାକୁ ।
ୟେ ଚଣ୍ଡାଳ ପୁଣି ୟେହା ସଙ୍ଘରଇ କେମନ୍ତେ
କିଞ୍ଚିତେ ହିଂ ଆଗ୍ୟାଂ ମୋତେ ନ ଦିଅଇ କଦାଶ୍ଚିତେ ।
ମାର ବୋଲି ବୋଇଲେ ମୁଁ ଲୋଟାଇ ଆସିବି ସବୁନ୍ତି
ଭୀଷ୍ମ, ଭୂରିସର୍ବା, ଶଲ୍ୟ ଆଦି ସକଳ ମହାରଥୀ ।"

ପାରମ୍ପରିକ ଭୀମ ଚରିତ୍ର ଚିତ୍ରଣ (ଭୋଜନ ପ୍ରତି ସଂଗ୍ରାମେ ସଦା ସେ ଅତୃପ୍ତି) ସହିତ ଜୀବନର ଏକ ମହତ୍ତର ଦିଗ ପ୍ରଦର୍ଶନ କରି ସାରଳା ଦାସ ଚରିତ୍ରଟିକୁ କେବଳ ଅଧିକ ପ୍ରାଣପୂର୍ଣ୍ଣ କରିନାହାନ୍ତି, ଏକ ଗତିଶୀଳ ଚରିତ୍ରରେ ପରିଣତ କରିଛନ୍ତି । ପୁଣି ଭୀମ ଚରିତ୍ରଟିର କାର୍ଯ୍ୟକଳାପ, ଆଚାର ବିଚାରକୁ ଏପରି ବର୍ଣ୍ଣନା କରିଛନ୍ତି ଯେ ମନେହୁଏ ଭୀମ ଯେପରି ଓଡ଼ିଶାର ଗ୍ରାମ୍ୟ ପରିବେଶରେ ବଢ଼ିଥିବା ଜଣେ ସରଳ, ନିର୍ବୋଧ ଅଥଚ ନିର୍ଭୀକ ବଳିଷ୍ଠ ପୁରୁଷ,

ଯାହାର ହୃଦୟରେ ସ୍ନେହ ପ୍ରେମର ଅଭାବ ନାହିଁ । ସାରଳା ଦାସଙ୍କ ସ୍ୱାଧୀନ ଚିନ୍ତନ ବହୁ ଚରିତ୍ରକୁ ବାସ୍ତବ ତଥା ଧୂଳିମାଟିର ଧରଣୀ ସହି ସମ୍ପର୍କାନ୍ୱିତ କରାଇଛି ।

ଅଭିନବ କାବ୍ୟିକ ପରିବେଶ ସୃଷ୍ଟି, ଉପମା ପ୍ରୟୋଗ ଓ କାବ୍ୟବିମ୍ବ ରଚନାରେ ସାରଳା ଦାସଙ୍କ ମୌଳିକତା ଲକ୍ଷଣୀୟ । ତାଙ୍କ ମହାଭାରତର ଅନେକ ସ୍ଥଳରେ ପାରମ୍ପରିକ ଉପମା ପ୍ରଯୁକ୍ତ ହୋଇଥିଲେ ମଧ ମୌଳିକ ଉପମା ପ୍ରୟୋଗରେ ସେ ଅଧିକ ନିଷ୍ଠାବାନ । ପାରିପାର୍ଶ୍ୱିକ ପରିବେଶରୁ ଚିତ୍ର ଆହରଣ କରି ବକ୍ତବ୍ୟକୁ ଅଧିକ ରସଗ୍ରାହୀ ଓ ଚିତ୍ତାକର୍ଷକ କରିପାରିଛନ୍ତି । ଉଦାହରଣ ସ୍ୱରୂପ -

"ଶରୀର ତ ପଲ୍ଲବିତ ହୋଇଛି ଦିବ୍ୟବାସେ ।"(ମଧ୍ୟପର୍ବ)
କିମ୍ବା
"ବଦୟନ୍ତି ଅଗସ୍ତି ଯେଉଁ ପରି କୃଷିକାରୀ
ବଳଦ ହଜାଇ ଏଣେ ତେଣେ ଖୋଜେ ବୁଲି
ଭୀଷ୍ମଙ୍କ ଅଭାବେ ରାଜା ହେଲା ସେହିପରି ।" (ଭୀଷ୍ମପର୍ବ)
କିମ୍ବା
"ବନ୍ଧ ଭାଙ୍ଗନ୍ତେ ଯେହ୍ନେ ନ ରହଇ ପାଣି
ରାଜାକୁ ଛାଡ଼ି ତେସନେ ପଳାବନ୍ତି ସଇନି ।" (ଆଦିପର୍ବ)

ସାରଳା ଦାସଙ୍କ ସୌନ୍ଦର୍ଯ୍ୟ ଦୃଷ୍ଟି ଅପୂର୍ବ । ସୁନ୍ଦରୀ ନାରୀର ରୂପ ବର୍ଣ୍ଣନା ଲାଗି ପାରମ୍ପରିକ ସଂସ୍କୃତ କାବ୍ୟ ଉପମା ବ୍ୟବହୃତ ହୋଇଥିଲେ ମଧ ସାରଳାଙ୍କ ସ୍ୱତନ୍ତ୍ର ପ୍ରୟୋଗରୀତି ଯୋଗୁଁ ଉପମାଗୁଡ଼ିକ ଅଧିକ ସଜୀବ ଓ ପ୍ରାଣପୂର୍ଣ୍ଣ । କେତେକ ସ୍ଥଳରେ ଆଧୁନିକ କବିମାନଙ୍କ ପରି ପରୋକ୍ଷ ରୂପ ବର୍ଣ୍ଣନାରେ ଚମତ୍କାର ସୌନ୍ଦର୍ଯ୍ୟାନୁଭବ ସୃଷ୍ଟି କରାଯାଇଛି । ଦ୍ରୌପଦୀ ସ୍ୱୟଂବର ପ୍ରସଙ୍ଗରେ ଦ୍ରୌପଦୀଙ୍କ ସାମଗ୍ରିକ ସୌନ୍ଦର୍ଯ୍ୟ ବିଶେଷତଃ ଆଖିର ସୌନ୍ଦର୍ଯ୍ୟକୁ କବି ପରୋକ୍ଷ ଭାବେ ପ୍ରକାଶ କରିଛନ୍ତି । ସ୍ୱୟଂବର ସଭାରେ ରୂପଦର୍ଶନ ଉତ୍ସୁକ ରାଜାମାନଙ୍କୁ ସିଧାସଳଖ ଚାହିଁ ନ ପାରି ଦ୍ରୌପଦୀ ନାରୀର ସ୍ୱାଭାବିକ ଲଜ୍ଜାବଶତଃ ଭୂମି ଉପରେ ଦୃଷ୍ଟି ରଖିଛନ୍ତି । କବିଙ୍କ ବର୍ଣ୍ଣନାରେ-

"ଚାହାଂନ୍ତେ ବଜ୍ରନୟନେ ହୃଦ ଯିବ ଫୁଟି
ଜନହିତେ ପୃଥିବୀରେ ରଖିଅଛି ଦୃଷ୍ଟି ।
କିଞ୍ଚିତ ମାତ୍ର ଏ ଯଦି ଚାହିଁବ ସଭାକୁ
ଅନେକ ପୁରୁଷ ହତ୍ୟା ଦୋଷ ହୋଇବ ଏହାକୁ ।"
(ଆଦିପର୍ବ)

ସାରଳା ଦାସଙ୍କ ଲେଖନୀରେ ପ୍ରକୃତି ଜଗତର ବୃକ୍ଷଲତା, ନଦୀ, ବନ, ପର୍ବତ, ପଶୁପକ୍ଷୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ଶ୍ରେଣୀର ମଣିଷମାନଙ୍କର ଚିତ୍ର ଅତ୍ୟନ୍ତ ଜୀବନ୍ତ । ବ୍ରାହ୍ମଣମାନଙ୍କଠାରୁ ଆରମ୍ଭ କରି ଶବରମାନଙ୍କ ପର୍ଯ୍ୟନ୍ତ ବିଭିନ୍ନ ଶ୍ରେଣୀର ଲୋକଙ୍କ ଅବିକଳ ବେଶ ବର୍ଣ୍ଣନାରୁ ଅନୁମିତ ହୁଏ ଯେ ସବୁ ଶ୍ରେଣୀର ଲୋକଙ୍କ ସହ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କ ଥିଲା । ଉଦାହରଣ ସ୍ୱରୂପ -

"ବ୍ରାହ୍ମଣ ବେଶ ଯେ ଧଇଲେ ପଞ୍ଚୁବୀରେ
ତ୍ରିକଚ୍ଛ ବସନ ଆରୋପିଲେ କଟିରେ ।
ନବଗୁଣ ପଇତା କାନ୍ଧରେ ଉତ୍ତୁରି ଅଛି
ଆଧାନ ମନ୍ତ୍ରପୋଥି କାଖରେ ସବୁରି ଅଛି ।
ଦ୍ୱାଦଶ ଚିତା ଯେ ଶ୍ରୀବତ୍ସ ଲକ୍ଷଣ
କାଖେ ବେଦ କରାନ୍ତି ତେଜମୟେ ବ୍ରାହ୍ମଣ ।
କାନ୍ଧେଣ ଛତା ତଥି ଉପରେ ପ୍ରୋକ୍ଷଣୀ ଯେ ଶୁଆ
ତମ୍ବାର ବର୍ଣ୍ଣ ଜାଣି ବିକା।ର ସର୍ବ କାୟା ।
ଗୋପ୍ୟାନ ଦୋହରା ଅଣ୍ଟାରେ କୁଶବିଡ଼ି
ଚକ୍ରସ୍ୱାମୀ ଦେବତା ବିଜୟେ କରାଣ୍ଡି ।"

ବ୍ରାହ୍ମଣ ରୂପବର୍ଣ୍ଣନା ଯେତିକି ବାସ୍ତବ, ଅରଣ୍ୟବାସୀ ଶବରର ବେଶ ବର୍ଣ୍ଣନା ସେତିକି ବାସ୍ତବ ।

"ମଥାରେ ମଜୁର ଝାଲି କଣ୍ଠେ ଗୁଞ୍ଜରା ମାଳି
ଲୋହିତ ବର୍ଣ୍ଣ ନେତ୍ର ଶରୀରେ ରଂଗଧୂଳି ।
ଧାମଣା କାଠର ଧନୁ କଣ୍ଡା ବାୟେଂଶର ଗୁଣ
ଡାଳି ଆଭରଣ ଫିରିକି ନାରାଜ ତ୍ରୋଣ ।"

ସାଧାରଣ ପୁରୁଷମାନଙ୍କ ବେଶ ବର୍ଣ୍ଣନାରେ ଯେପରି ନିପୁଣତା ପ୍ରକାଶିତ, ଉତ୍କଳୀୟ ନାରୀ ଓ ରାଜକୁମାରୀମାନଙ୍କ ବେଶ ବର୍ଣ୍ଣନାରେ ସେହିପରି ନିପୁଣତା ସହଜ ଲକ୍ଷ୍ୟ ।

"ମୁକୁତା ଜାଲି ଉପରେ ସୀମନ୍ତିନୀ ମଣି
ଲଲାଟ ପଟରେ ହୀରା ରତନ ଖଞ୍ଜାଣି ।
ପଦ୍ମରାଗର ତାଟଙ୍କ ରତ୍ନବେଷ୍ଟ କର୍ଣ୍ଣେ
ବାଳ ଆଦିତ୍ୟ କି ଗଣ୍ଡସ୍ଥଳେ ନାନାବର୍ଣ୍ଣେର୍ ।
ନାସାରେ ଅଷ୍ଟରତ୍ନର ଫୁଲି ଯେ ବସୁଣି
ସୂର୍ଯ୍ୟ ପାଖରେ ଚନ୍ଦ୍ରମା ଉଇଂଲା କି ପୁଣି ।
ହୃଦରେ ମୁକୁତାହାର ଶତେ ଶତେ ସରି
ଗଗନେ ତାରକାପନ୍ତି ଉଦେ ହେଲା ପରି ।
ଭୁଜରେ କଂକଣ ଦିବ୍ୟ ରତ୍ନ ବେନି ଚୂଡ଼ି
ଅଷ୍ଟରତନ ଖଚିତ ବିଦ ମୁଦି ଯୋଡ଼ି ।
ପାଦରେ ନୂପୁର ତହିଂ ଝଲକନ୍ତି ହୀରା
ନ ସହଇ ସେ ସୁନ୍ଦରୀ ଅଳଂକାର ଭାରା ।"

ଯୁଗଯୁଗ ଧରି କବିମାନେ କେବଳ ନାରୀର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିଆସିଛନ୍ତି । କାବ୍ୟ ପୁରାଣରେ ପୁରୁଷର ସୌନ୍ଦର୍ଯ୍ୟ ବର୍ଣ୍ଣନା ବିରଳ । କବିମାନେ ମୁଖ୍ୟତଃ ପୁରୁଷ ଥିବାରୁ ବୋଧହୁଏ ପୁରୁଷ ସୌନ୍ଦର୍ଯ୍ୟ ପ୍ରତି ଆଗ୍ରହୀ ହୋଇନାହାନ୍ତି । କିନ୍ତୁ ସାରଳା ଦାସ ବିଭିନ୍ନ ସମୟରେ ଯୁଧିଷ୍ଠିର, ଅର୍ଜୁନ, କର୍ଣ୍ଣ, ନକୁଳ, ଲକ୍ଷ୍ମଣ କୁମାର ପ୍ରଭୃତି ପୁରୁଷମାନଙ୍କ ସୌନ୍ଦର୍ଯ୍ୟରୁ ବଡ଼ ଚିତ୍ତାକର୍ଷକ ଭଙ୍ଗୀରେ ବିସ୍ତୃତଭାବେ ଉପସ୍ଥାପନ କରିଛନ୍ତି ।

ଉଷାହରଣ ପ୍ରସଙ୍ଗରେ ଅନିରୁଦ୍ଧର ଅତୁଳନୀୟ ସୌନ୍ଦର୍ଯ୍ୟ ପରୋକ୍ଷ ଭାବେ ବର୍ଣ୍ଣିତ । ଉଷା-ସଖୀ ଚିତ୍ରଲେଖା ଅନିରୁଦ୍ଧର ରୂପରେ ଏତେଦୂର ମୁଗ୍ଧ ହୋଇପଡ଼ିଛି ଯେ ସଂଗେ ସଂଗେ କହି ପକାଇଛି –

"ଚିତ୍ରଲେଖା ବୋଇଲା ଯେ ତୁମ୍ଭର ରୂପ ଦେଖି

ଶରୀରଯାକ କିମ୍ବା ନୋହିଲା ଆମ୍ଭର ଆଖି ।”

ଏହାର ପ୍ରତିଧ୍ୱନି ପରବର୍ତ୍ତୀ କାଳରେ ବନମାଳୀ, ଗୋପାଳକୃଷ୍ଣ ଆଦି ବୈଷ୍ଣବ କବି କିମ୍ବା ପ୍ରଣୟର କବି ମାନସିଂହଙ୍କ ‘ଦୁଇଟି ନୟନରେ ନ ଆସେ ତୃପ୍ତି ଲକ୍ଷ ନୟନରେ ଚାହିଁବି’ ପରି କବିତା ପଂକ୍ତିରେ ଶୁଣିବାକୁ ମିଳେ । ଚାତୁର୍ଯ୍ୟପୂର୍ଣ୍ଣ ଉକ୍ତି ପ୍ରତ୍ୟୁକ୍ତି ରଚନାରେ ମଧ୍ୟ ସାରଳା ଦାସଙ୍କ କୃତିତ୍ୱ ଅସାମାନ୍ୟ । ଏ ସମ୍ପର୍କରେ ଲକ୍ଷ୍ମୀ-ପାର୍ବତୀ କଳହ ପ୍ରସଙ୍ଗଟି ଉଲ୍ଲେଖ କରାଯାଇପାରେ । ନାରୀମାନଙ୍କର ପାରସ୍ପରିକ ଈର୍ଷାଜନିତ ଗ୍ରାମ୍ୟ କଳହ କିପରି କାଳ୍ପନିକ ବ୍ୟଞ୍ଜନଧର୍ମୀ ହୋଇପାରେ ତାହା ଏହି ଅଂଶରେ ଉପଲବ୍ଧ । ଉଦାହରଣ ସ୍ୱରୂପ ପାର୍ବତୀଙ୍କୁ ଅପମାନିତ କରିବାକୁ ଯାଇ ଲକ୍ଷ୍ମୀ ଶିବଙ୍କ ସମ୍ପର୍କରେ କହିଲେ-

“ଲାଙ୍ଗଟ ଭୃଙ୍ଗଟ ବୃଦ୍ଧ ଯୋଗିଆ ଗୋଟାଏ
ହାଡ଼ମାଳ ବିଭୂଷଣେ ବଦଳରେ ଯାଏ
ତାହାକୁ ଦେଖିଲୁ କି ଏ ବାଟେ ଯାଉଂ ଯାଉଂ ।”

ପାର୍ବତୀ ସଂଗେ ସଂଗେ ଏ ଆକ୍ଷେପୋକ୍ତିର ଉତ୍ତର ଦେଇଦେଲେ । ତାଙ୍କ ସ୍ୱାମୀଙ୍କୁ ବଦଳରେ ଯାଉଥିବା ଯୋଗୀ କୁହାଗଲେ ସେ ଛାଡ଼ିବେ କାହିଁକି? ସେ ସେମିତି ଲକ୍ଷ୍ମୀଙ୍କ ସ୍ୱାମୀ କୃଷ୍ଣଙ୍କୁ ଗଉଡ଼ ବୋଲି କହି ଅପମାନ ଦେଲେ –

“ଗଉଡ଼େ ଜାଣନ୍ତି ସିନା ଗୋରୁଙ୍କ ବାରତା
ନନ୍ଦ ଗଉଡ଼ ପୁଅକୁ ପଚାର ସେ କଥା ।”

ଅନୁସରଣମୁକ୍ତ ସ୍ୱକୀୟ ମହାଭାରତକୁ ମହାକାବ୍ୟର ବ୍ୟାପ୍ତି ପ୍ରଦାନ କରିବାକୁ ଯାଇ ସାରଳା ଦାସ ମୂଳ କାହାଣୀ ପ୍ରବାହ ସହ କେତେକ ଆନୁଷଙ୍ଗିକ ଘଟଣାକୁ ସଂଯୋଜିତ କରିଛନ୍ତି । ସେଥିମଧ୍ୟରୁ ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ ପ୍ରସଙ୍ଗର ଅବତାରଣା ଅତ୍ୟନ୍ତ ହୃଦୟସ୍ପର୍ଶୀ । ସାରଳା ଦାସ ସମସ୍ତ ପ୍ରକାରର ପରିବେଶ ସୃଷ୍ଟି ଓ ରସ ସୃଷ୍ଟିରେ ଯେଉଁ ଅସାଧାରଣତ୍ୱ ପ୍ରଦର୍ଶନ କରିଛନ୍ତି ସେଥିମଧ୍ୟରୁ ବୀର ଭୟାନକ, ବୀଭତ୍ସରସ ଓ କରୁଣରସର ଉପସ୍ଥାପନା ଉକ୍ତ ପ୍ରସଙ୍ଗରେ ଲକ୍ଷଣୀୟ । ମହାଭାରତର ଶେଷ ଯୁଦ୍ଧ ପରେ ଏକ ଲୋମହର୍ଷଣକାରୀ ପରିବେଶରେ ଶବସ୍ତୂପ ପରିପୂର୍ଣ୍ଣ ନିର୍ଜନ ଯୁଦ୍ଧଭୂମିକୁ ବୀଭତ୍ସ କ୍ରୀଡ଼ାରେ ମତ ହେବାକୁ ଓହ୍ଲାଇ ଆସିଛନ୍ତି ନବକୋଟି ବିକଟ ଦଶନା ଚଣ୍ଡୀ ଓ ଯୋଗିନୀମାନେ । ସେହି ଦୃଶ୍ୟଟିର ବର୍ଣ୍ଣନା ହୋଇଉଠିଛି ପ୍ରଚଣ୍ଡ ଭୀତିସଂଚାରକ ।

“ଖର ଖର ଧ୍ୱନି କରି ଧାମଇଁ କେ ରଙ୍ଗେ
ରୁଧିର ଲେପଇ ନେଇ ଆନନ୍ଦେ କେ ଅଙ୍ଗେ ।
ହାଡ଼ମାଳ ଗଳାରେ କେ ଲମ୍ବାଇ ହରଷେ
ମୁଣ୍ଡମାନ ମାଳାକରି ଗୁନ୍ଥଇ କେ ତୋଷେ ।
କଟ କଟ କରି ଦନ୍ତେ ରେକଟେ କେ ହାଡ଼
ରଟ ରଟ ଶବଦରେ ପୂର୍ଣ୍ଣ ଚାରଆଡ଼ ।”

ଏହିପରି ପରିବେଶରେ ଦୁର୍ଯ୍ୟୋଧନ ରକ୍ତନଦୀ ପାର ହେବାକୁ ଚେଷ୍ଟା କରି କରି ଘୋର ହତାଶର ସମ୍ମୁଖୀନ ହୋଇଛନ୍ତି । ସବୁ ଶବ ବୁଡ଼ି ଯାଉଥିବାବେଳେ ଗୋଟିଏ ମାତ୍ର ଶବ ତାଙ୍କୁ ଦୁସ୍ତର ରକ୍ତନଦୀ ପାର କରାଇ ଦେବାକୁ ସମର୍ଥ ହୋଇଛି । ସେ ଯେତେବେଳେ ଜାଣିପାରିଛନ୍ତି, ଶବଟି ତାଙ୍କୁ ଧ୍ୱଂସ ପଥରୁ ବାରମ୍ବାର ନିବର୍ତ୍ତାଇଥିବା ପ୍ରିୟପୁତ୍ର ଲକ୍ଷ୍ମଣ କୁମାର, ସେତେବେଳେ ସେ ଗଭୀର ଶୋକାଭିଭୂତ ହୋଇପଡ଼ିଛନ୍ତି ଏବଂ ଉଚ୍ଚ ସ୍ୱରରେ ରୋଦନ କରିବାକୁ ଲାଗିଛନ୍ତି । ମହାଭାରତର ଶୋକାବହ ପରିବେଶଟି ଆହୁରି କରୁଣ, ଆହୁରି ମର୍ମବିଦାରକ ହୋଇଉଠିଛି । ପାଷାଣ ଦୁର୍ଯ୍ୟୋଧନର ରୂପଟି ଏଠାରେ ଅବଲୁପ୍ତ । ଜଣେ ପୁତ୍ରହରା ପିତା ହୃଦୟର ଗଭୀର ବେଦନା ମୂର୍ତ୍ତ ହୋଇଉଠିଛି ନିମ୍ନୋକ୍ତ ପଂକ୍ତିଗୁଡ଼ିକରେ –

“ଆରେ ଆରେ ମୋର ଲକ୍ଷ୍ମଣ କଇଛା ଜଗଜେଠୀ
ତ୍ରଇଲୋକ୍ୟ ବନ୍ଦନା ନାଥ ତୋହୋର ନାମ ଗୋଟି ।
ଅତିଅନ୍ତ ଲକ୍ଷ୍ମଣରେ ତୋହୋର ବତିଶଗୁଣ
ଶୟଳ ଜନ ଚିନ୍ତିଲେ ତୁ ସର୍ବଗୁଣେ ଲକ୍ଷ୍ମଣ ।
ବାବୁ ଅବିଚ୍ଛନ୍ନେ ମୂର୍ତ୍ତି ଦିଶୁ ଯେ ବାଳ ଅର୍କ ପ୍ରାୟେ
କଣୟ ତେଳରୁ ଅଧିକ ଦିଶଇ ତୋର କାୟେ ।
ଅନ୍ଧର ଲଉଡ଼ି ପୁତ୍ରରେ ଅନାସ୍ତ ମୋତେ କଲୁ
ଗଭୀର ସୋମୋଦ୍ରେ ମୋର ଭେଳା ବୁଡ଼ାଇଲୁ ।
ବାବୁରେ ମୋହର ପରା ପିତା ତୋହର ନୋହୁ ନୋହୁ
ତୋହର ପ୍ରାୟେ ପୁତ୍ର ମୋତେ ଜନ୍ମେ ଜନ୍ମେ ହୋଉ ।”
(ଗଦାପର୍ବ)

ଏକ ବିସ୍ତୃତ ପଟ୍ଟଭୂମିରେ ମହାଭାରତର ପରିକଳ୍ପନା । ଏହି ପରିକଳ୍ପନାବେଳେ ସମଗ୍ର ଭାରତବର୍ଷକୁ ଦୃଷ୍ଟିପଥରେ ରଖିଛନ୍ତି ସାରଳା ଦାସ । ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞକୁ ବା ମହାଭାରତ ଯୁଦ୍ଧକୁ ଆସୁଥିବା ରାଜାମାନଙ୍କ ରାଜ୍ୟଗୁଡ଼ିକର ବିବରଣୀ ଦେଲାବେଳେ ଭାରତର ବିଭିନ୍ନ ଅଞ୍ଚଳର ଐତିହାସିକ ଓ ଭୌଗୋଳିକ ଚିତ୍ର ଉନ୍ମୋଚିତ । ସାମଗ୍ରିକ ଭାବେ ଏକ ବିରାଟ ଭୂଖଣ୍ଡର ସମାଜ ଜୀବନ ଓ ପାରିପାର୍ଶ୍ୱର ବିସ୍ତାରିତ ଉପସ୍ଥାପନ ସତ୍ତ୍ୱେ ଏହି ମହାକାବ୍ୟଟି ତା’ର ମୂଳ ଲକ୍ଷ୍ୟ କାବ୍ୟିକତା (ଗ୍ରନ୍ଥକୁ କବିତ୍ୱ ହୋଇବ ବ୍ୟାସ ମହାମୁନି) ଓ ସାର୍ବଜନୀନତା (ସଂସାର ଲୋକଙ୍କୁ ଦିଅ ସାର୍ବଜନୀତନା) ଠାରୁ ଦୂରେଇଯାଇ ନାହିଁ । କବିତ୍ୱର ଅମୃତରସରରେ ଉଜ୍ଜୀବିତ ସାରଳା ଦାସ ଚିର ମୃତ୍ୟୁଞ୍ଜୟ, ଯାହାର ହୃଦୟରେ ସରସ୍ୱତୀଙ୍କର ନିବାସ, ତା’ର ମୃତ୍ୟୁ କାହିଁ?

“ମମ ହୃଦେ ବିଶ୍ରମ ଗୋ ନର୍ମଦା ସରସ୍ୱତୀ
ସଂଜୀବନୀ ନାଥକୁ ମୋ ଯେମନ୍ତେ ନୋହେ ଭୀତି ।”
(ବିରାଟପର୍ବ)

ସାରଳା ମହାଭାରତ ହିଁ ଯଥାର୍ଥରେ ଓଡ଼ିଆ ଭାଷା ଓ ସାହିତ୍ୟର ଆଦ୍ୟ ଉଚ୍ଚାରଣ । ଏହା କେବଳ ଏକ ସାହିତ୍ୟିକ ମହା ପ୍ରବାହର ଉପୋଦ୍‌ଘାତ ନୁହେଁ, ଏକ ସାହିତ୍ୟିକ ଆନ୍ଦୋଳନର ନବଜନ୍ମ ମଧ୍ୟ । ପାଶ୍ଚାତ୍ୟ ଜଗତର ପ୍ରଭାବରେ ଊନବିଂଶ ଶତାବ୍ଦୀ ଭାରତୀୟ ସାହିତ୍ୟରେ ଯେଉଁ ରେନେସାଁର ଆବିର୍ଭାବ ଘଟିଥିଲା, ପଞ୍ଚଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ ସାହିତ୍ୟରେ ତା’ର ଯେପରି ସୂତ୍ରପାତ ଘଟିଥିଲା । ରେନେସାଁର ଲକ୍ଷଣ ବିଚାରରେ ମନେ ହୁଏ ଚାରିଶହ ବର୍ଷ ପୂର୍ବରୁ ଯେପରି ଭିନ୍ନ ରୂପରେ ଏହାର ପ୍ରଥ ବାର୍ତ୍ତାବହନ କରି ଆଣିଥିଲା । ଏହି ଅସାଧାରଣ ମହାକାବ୍ୟ । ମାନବସଂବେଦନା, ଦୁଃସ୍ଥ ଦଳିତମାନଙ୍କ ପ୍ରତି କରୁଣା, ପରମ୍ପରାର ଅସ୍ୱୀକାର, ପ୍ରଥାଗତ ଆଚାରର

ବିରୋଧ, ବାସ୍ତବଧର୍ମିତା, ଧର୍ମମତ ନିରପେକ୍ଷତା, ଜାତିଗତ ବିଚାରରୁ ମୁକ୍ତି, ବ୍ୟକ୍ତି ସ୍ୱାତନ୍ତ୍ର୍ୟବୋଧ, ସ୍ୱାଧୀନ ଚେତନା, ଅନ୍ୟାୟ ଅତ୍ୟାଚାର ଓ ରାଜବର୍ଗୀୟ ଶୋଷଣର ବିରୋଧ, ଧର୍ମୀୟ ପ୍ରତାରଣାର ଉନ୍ମୋଚନ, ସୁବିଧାବାଦୀ ଗୋଷ୍ଠୀ ପ୍ରତି ବ୍ୟଙ୍ଗ ଓ ସମାଲୋଚନା, ନାରୀ ପ୍ରତି ସମ୍ମାନବୋଧ, ଯୁକ୍ତିଧର୍ମିତା, ସତ୍ୟ ଉଦ୍‌ଘାଟନ, ମନସ୍ତାତ୍ତ୍ୱିକ ବିଶ୍ଲେଷଣ ଏଥିରେ ସହଜ ଲକ୍ଷ୍ୟ । ସାମଗ୍ରିକ ବିଚାରରେ ଆଧୁନିକତା, ପ୍ରଗତିଶୀଳତା, ବାସ୍ତବତା, ଜୀବନଧର୍ମିତା ତଥା ବିଶାଳତା ଦୃଷ୍ଟିରୁ ଏହା ଭାରତୀୟ ବାଙ୍ମୟର ଏକ ଅନନ୍ୟ ସାଧାରଣ ସୃଷ୍ଟି ।